

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୨ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 FEBRUARY 2025

Vol.No. 36 ■ No.51 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୁରୁଖୁରୁରେ ଶେଷ ହେଲା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

### ୬ଶହ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ କଲା ବୋର୍ଡ

ଭୁବନେଶ୍ୱର, ୨୧/୨(ନି.ପ୍ର) : ଆଜିଠୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ରାଜ୍ୟର ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏଥର ପ୍ରଥମ କରି ବୋର୍ଡ ପକ୍ଷରୁ କ୍ୟୁଆର କୋର୍ଡ ବ୍ୟବସ୍ଥା କରାଯାଇଥିଲା। ସେପଟେ ଦଶମ ପରୀକ୍ଷା ପାଇଁ ଘରୁ ବାହାରିବାବେଳେ ବାଲେଶ୍ୱର ବାହାନଗାର ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆଜିଠୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। ସକାଳ ୯ଟାରୁ ଦିନ ୧୧ଟା ୩୦ ପର୍ଯ୍ୟନ୍ତ ହୋଇଥିଲା ପରୀକ୍ଷା। ଏହାର ଅଧଘଣ୍ଟା ପୂର୍ବରୁ ପିଲାମାନେ ନିଜ ନିଜର ଆଡମିଟ୍ କାର୍ଡ ଧରି ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ଏଥର ପ୍ରଶ୍ନପତ୍ର ଲିକ୍ ଓ କପି ରୋକିବାକୁ ବୋର୍ଡ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ପ୍ରଥମଥର



ପାଇଁ ପ୍ରଶ୍ନପତ୍ରରେ ରହିଛି କ୍ୟୁଆର କୋର୍ଡ। ୬୦୦ ପରୀକ୍ଷା କେନ୍ଦ୍ରରେ ସିଧାସଳଖ ଲାଇଭ୍ ଷ୍ଟ୍ରିମିଂ ହୋଇଛି। ସବୁ କେନ୍ଦ୍ରରେ ଲାଗିଛି ସିସିଟିଭି। ପରୀକ୍ଷା କେନ୍ଦ୍ରରେ ଯେମିତି କୌଣସି ଅନିୟମିତତା ନହେବ, ସେଥିପାଇଁ ଫ୍ଲାଇଙ୍ଗ ସ୍କ୍ୱାଡ୍, ସେଣ୍ଟ୍ରାଲ ଅବଜରଭର୍ ଓ ଜିଲ୍ଲାସ୍ତରୀୟ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। କମାଣ୍ଡ କଣ୍ଟ୍ରୋଲ ରୁମ୍ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋର୍ଡ ସଭାପତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ରକୁ ଯାଇ ସ୍ଥିତି ପରଖିଛନ୍ତି।

ମାଟ୍ରିକ ପରୀକ୍ଷା ପ୍ରଥମ ଦିନ ବାଲେଶ୍ୱରରେ ଘଟିଛି ଅଘଟଣ। ପରୀକ୍ଷା ପାଇଁ ଘରୁ ବାହାରିବା ବେଳେ ଟଳିପଡ଼ିଛନ୍ତି ବାଲେଶ୍ୱର ଜିଲ୍ଲା ବାହାନଗାର ଚନ୍ଦ୍ରଶେଖର ମାଝୀ। ୩ ଦିନ ତଳେ ଏକ ଭୋଜି ଖାଇବା ପରେ ପେଟ ଯନ୍ତ୍ରଣା ହୋଇଥିଲା। ଆଜି ପରୀକ୍ଷା ଦେବା ପାଇଁ ଘରୁ ବାହାରିବା ବେଳେ ପରିବାର ଲୋକେ ସୋର ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ କେନ୍ଦ୍ରାପଡ଼ା ରାଜନଗରରେ ମାଟ୍ରିକ ପିଲାଙ୍କୁ ନେଇ ଯାଉଥିବା ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଗାଡିରେ ଥିବା ୧୧ ପରୀକ୍ଷାର୍ଥୀ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁଁ ବିଳମ୍ବ ହୋଇଥିଲେ ମଧ୍ୟ ଆଶୁ ଚିକିତ୍ସା ପରେ ସମସ୍ତଙ୍କୁ ପରୀକ୍ଷା ଦେବାର ସୁଯୋଗ ମିଳିଛି।

## ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

### ଉଚ୍ଚସ୍ତରୀୟ କମିଟି ସାମ୍ନାରେ ହାଜର ହେଲେ ଅଚ୍ୟୁତ ସାମନ୍ତ ଓ କିଟର ଅନ୍ୟ କର୍ମଚାରୀ

ଭୁବନେଶ୍ୱର, ୨୧/୨(ନି.ପ୍ର) : କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ଆତ୍ମହତ୍ୟା ଓ ପରବର୍ତ୍ତୀ ଛାତ୍ର ଅଶାନ୍ତି ବେଳେ ହଷ୍ଟେଲ ଅନ୍ତେବାସୀଙ୍କୁ ମାଡ଼ ମରାଯିବା ଓ ସେମାନଙ୍କୁ କ୍ୟାମ୍ପସରୁ ବାହାର କରି ସେମାନଙ୍କ ଦେଶକୁ ପଠାଯିବା ପ୍ରସଙ୍ଗରେ ଗଠିତ ଉଚ୍ଚ ସ୍ତରୀୟ ଯାଂଚ କମିଟି ତାର ଯାଂଚ ଜାରୀ ରଖିଛି । ଏହି କ୍ରମରେ ଆଜି କିଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଚ୍ଚସ୍ତରୀୟ କମିଟି ସାମ୍ନାରେ ହାଜର ହୋଇଛନ୍ତି । ଏହାପୂର୍ବରୁ କିଟ କର୍ମଚାରୀ ଜୟନ୍ତୀ ନାଥ, ଆସୋସିଏଟ ପ୍ରଫେସର ମଞ୍ଜୁଷା ପାଣ୍ଡେ ହାଜର ହୋଇ ପକ୍ଷ ରଖିଥିଲେ । ସେହିପରି କମିଟି




ଆଗରେ କିଟ ଭିସି ଓ ରେଜିଷ୍ଟ୍ରାର ବୟାନ ରେକର୍ଡ ପାଇଁ ହାଜର ହୋଇଥିଲେ। ଉଲ୍ଲେଖ ଥାଉ କି ଆଜି କମିଟି ପାଖରେ ହାଜର ହେବାକୁ ୮ ଜଣଙ୍କୁ ନୋଟିସ ଦିଆଯାଇଛି । ଉଲ୍ଲେଖନୀୟ ଯେ କିଟ୍ କାଣ୍ଡରେ ଯାହାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେମାନଙ୍କୁ ପଚରାଉଚରା ପାଇଁ ଉଚ୍ଚସ୍ତରୀୟ କମିଟି ନୋଟିସ ପଠାଇଥିଲା । କିଟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ବିବାଦ ତେଜିବା ପରେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଥିଲେ ।

## ବାଇଡେନ ପ୍ରଶାସନ ଭାରତକୁ ୧୮୨କୋଟି ଦେଇ ନିର୍ବାଚନକୁ ପ୍ରଭାବିତ କରାଯାଇଥିବା ଟ୍ରମ୍ପଙ୍କ ଅଭିଯୋଗ

ନୂଆଦିଲ୍ଲୀ, ୨୧/୦୨ : ଭାରତରେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଆମେରିକାର ତତକାଳୀନ ବାଇଡେନ ପ୍ରଶାସନ ପାଣ୍ଠି ଦେଉଥିଲେ । ଏହି ଦାବି ଆଉ କେହି ନୁହେଁ ବରଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଣିଛନ୍ତି । ସେପଟେ ଆମେରିକା ସରକାରଙ୍କ ଏହି ଦାବିକୁ ନେଇ ଚିନ୍ତା ପ୍ରକାଶ କରିଛି ଭାରତ । ଶୁକ୍ରବାର ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟଶୱାଲ କହିଛନ୍ତି ଏହା ଗମ୍ଭୀର ଓ ଚିନ୍ତାଜନକ ବିଷୟ। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିଯୋଗ କରି କହିଥିଲେ ଯେ ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାସନାଲ୍ ଡେଭଲପମେଣ୍ଟ ଭାରତର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି । ଏହି ଉଦ୍ଦେଶ୍ୟରେ ଭାରତକୁ ୨୧ ନିୟୁତ ଆମେରିକୀୟ ଡଲାରର ପାଣ୍ଠି ଦେଇଥିଲା । ଟ୍ରମ୍ପଙ୍କ ଏହି ବୟାନ ଭାରତର ରାଜନୀତିରେ ଚହଳ ସୃଷ୍ଟି କରିଛି । ଘଟଣାରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ ଜାରି ଥିବା ଏମଇଏ ପକ୍ଷରୁ କୁହାଯାଇଛି । ଆମେରିକାର ଟ୍ରମ୍ପ ସରକାର ଡିଓଜିଇ ନାମକ ବିଭାଗ ଗଠନ କରି ବିଭିନ୍ନ ଦେଶକୁ ଦେଉଥିବା ସହାୟତା ରାଶିକୁ କାଟ୍



କରୁଛନ୍ତି । ଫେବ୍ରୁଆରୀ ୧୬ ତାରିଖରେ ପାଣ୍ଠି ବନ୍ଦ କରିବାକୁ ଘୋଷଣା କରିଥିଲା ଆମେରିକା ।

## ‘ମାତୃଭାଷା’ ହିଁ ଆମ ହୃଦୟର ଭାଷା, ମା’ ମାଟିର ମହକ ଓ ପରିଚୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୨(ନି.ପ୍ର) : ‘ମାତୃଭାଷା’ ହିଁ ଆମ ହୃଦୟର ଭାଷା, ମା’ ମାଟିର ମହକ ଓ ପରିଚୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ’ମାତୃଭାଷା’ ହିଁ ଆମ ହୃଦୟର ଭାଷା, ମା’ ମାଟିର ମହକ ଓ ପରିଚୟ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆସନ୍ତୁ, ଆମ ଗୌରବମୟ ଓଡ଼ିଆ ଭାଷାର ପ୍ରସିଦ୍ଧି ଓ ଅସ୍ମିତା ଅକ୍ଷୁଣ୍ଣ ରଖି ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ନେଇ ସଙ୍କଳ୍ପକୁ ଆହୁରି ଦୃଢ଼ କରିବା।

## ବାଜ୍ୟାପ୍ତି ହେବ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗାଡି

ଭୁବନେଶ୍ୱର, ୨୧/୨(ନି.ପ୍ର) : - ଏଣିକି ବାଜ୍ୟାପ୍ତି ହେବ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗାଡି । ଗଞ୍ଜେଇ ଚାଲାଣ ରୋକିବାକୁ ଏଭଳି ନିଷ୍ପତି ନିଆଯାଇଥିବା ସୂଚନା ଦେଇଛନ୍ତି ଅବକାରୀ କମିଶନର । ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ଚଢ଼ାଉ କରାଯାଉଛି । ଗତ ବର୍ଷ ତୁଳନାରେ ୩ ଗୁଣା ଅଧିକ ଗଞ୍ଜେଇ ନଷ୍ଟ କରାଯାଇଥିବା ଅବକାରୀ କମିଶନର ନରସିଂହ ଭୋଳ ସୂଚନା ଦେଇଛନ୍ତି ।

## ଲ୍ୟାଣ୍ଡ ଫର୍ ଜବ ଦୁର୍ନୀତି : ସିବିଆଇର ଚାର୍ଜସିଟ୍ ଉପରେ ଫେବୃଆରୀ ୨୫ ରେ ରାୟ ଶୁଣାଇବେ କୋର୍ଟ

ନୂଆଦିଲ୍ଲୀ, ୨୧/୦୨ : ରାଉଜ ଏଵେନ୍ୟୁ କୋର୍ଟ ଲ୍ୟାଣ୍ଡ ଫର୍ ଜବ ଦୁର୍ନୀତିର ସିବିଆଇ ସହିତ ଜଡ଼ିତ ମାମଲାରେ ଦାଖଲ ହୋଇଥିବା ଚାର୍ଜସିଟ୍ ଉପରେ ସଂଜ୍ଞାନ ନେବା ମାମଲା ଉପରେ ଫଇସଲା ସୁରକ୍ଷିତ ରଖିଛନ୍ତି । ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗନେ ଚାର୍ଜସିଟ୍ ଉପରେ ସଂଜ୍ଞାନ ନେବା ମାମଲା ଉପରେ ଫେବୃଆରୀ ୨୫ରେ ରାୟ ଶୁଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ସିବିଆଇ ଜାନୁଆରୀ ୩୦ ତାରିଖରେ କୋର୍ଟଙ୍କୁ ଜଣାଇଥିଲେ ଯେ, ପୂର୍ବତନ ଲୋକସେବକ ଆରକେ ମହାଜନଙ୍କ ବିରୋଧରେ ମୋକଦ୍ଦମା ଚଳାଇବା ନିମନ୍ତେ ସ୍ୱୀକୃତି ମିଳି ଯାଇଛି । ସିବିଆଇ କହିଥିଲା ଯେ, ଆରକେ ମହାଜନଙ୍କ ସହିତ ହିଁ ଲାଲୁ ଯାଦବ ସମେତ ମାମଲାରେ ସମସ୍ତ ପୂର୍ବ ଲୋକସେବକଙ୍କ ବିରୋଧରେ ଅଭିଯୋଜନର ମଞ୍ଜୁରୀ ମିଳି ଯାଇଛି । ସିବିଆଇ ୨୦୨୪ ଜୁନ୍ ୭ ତାରିଖରେ ଏହି ମାମଲାରେ ଅନ୍ତିମ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ୭୮ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଏହି ୭୮ଜଣ ଅଭିଯୁକ୍ତଙ୍କ ମଧ୍ୟରେ ରେଲୱେ ରେ ଚାକିରୀ ପାଇବାକୁ ଥିବା ୩୮ ଜଣ ଆଶାୟୀ ସାମିଲ୍ ଅଛନ୍ତି ।

## ସୋଲ ଲିଡରସିପ୍ କନକ୍ଲେଭର ଉଦ୍‌ଘାଟନ କଲେ ପିଏମ ମୋଦୀ



ନୂଆଦିଲ୍ଲୀ, , ୨୧/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏଠାରେ ଭାରତ ମଣ୍ଡପମରେ ଦୁଇ ଦିବସୀୟ ସୋଲ ଲିଡରସିପ କନକ୍ଲେଭର ପ୍ରଥମ ସଂସ୍କରଣର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, କିଛି ଆୟୋଜନ ଏଭଳି ହୋଇଥାଏ ଯାହା ହୃଦୟର ବେଶ୍ ନିକଟତର ହୋଇଥାଏ । ଆଜିର କାର୍ଯ୍ୟକ୍ରମ ବି ଏଭଳି ଅଟେ । ଦେଶ ନିର୍ମାଣ ପାଇଁ ନାଗରିକଙ୍କ ବିକାଶ ଜରୁରୀ ଅଟେ । ବ୍ୟକ୍ତି ନିର୍ମାଣରୁ ରାଷ୍ଟ୍ର ନିର୍ମାଣ, ଜନରୁ ଜଗତ, କୌଣସି ବି ଶିଖରକୁ ପ୍ରାପ୍ତ କରିବା ପାଇଁ ଆରମ୍ଭ ଲୋକଙ୍କ ଠାରୁ ହିଁ ହୋଇଥାଏ । ସେ କହିଛନ୍ତି କିଛି ଆୟୋଜନ ଏଭଳି ହୋଇଥାଏ, ଯାହା ହୃଦୟର ବହୁତ ନିକଟତର ହୋଇଥାଏ ଏବଂ ଆଜିର କାର୍ଯ୍ୟକ୍ରମ ବି ଏଭଳି ଅଟେ ।

## ଭେଣ୍ଡିଆ ନେଉଥିଲେ ବାର୍ଦ୍ଧକ୍ୟ ଭତ୍ତା ! ଧରାପଡିବା ପରେ ଟଙ୍କା ଫେରାଇବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧/୨(ନି.ପ୍ର) : ସାମାଜିକ ସୁରକ୍ଷା ଯୋଜନାରେ କେଳେଙ୍କାରୀ । ଚଞ୍ଚକତା କରି ଭେଣ୍ଡିଆ ନେଉଥିଲେ ବାର୍ଦ୍ଧକ୍ୟ ଭତ୍ତା। ପୁଣି ଚର୍ଚ୍ଚାରେ ଯାଜପୁର ଓ କେନ୍ଦ୍ରାପଡା । ୯୫୯ ଜଣଙ୍କୁ ନୋଟିସ୍। ବିଧାନସଭାରେ ମନ୍ତ୍ରୀ କହିଲେ, ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବି ହେବ କାର୍ଯ୍ୟାନୁଷ୍ଠାନ । ୬୦ବର୍ଷରୁ ଉର୍ଦ୍ଧ ବୟସ୍କ ଗରିବଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ଭତ୍ତା ଦେଉଛନ୍ତି ସରକାର। କିନ୍ତୁ ଆଶ୍ଚର୍ଯ୍ୟ ବିଷୟ ଚଂଚକତା କରି ଭେଣ୍ଡିଆ ଏହି ଯୋଜନାର ହିତାଧିକାରୀ ହୋଇଛନ୍ତି। ଆଉ ମାସିକ ଭତ୍ତା ନେଉଛନ୍ତି। ବିଧାନସଭାରୁ ଆଜି ଏମିତି ଏକ ଚମକାଇ ଦେବା ଭଳି ତଥ୍ୟ ରଖିଛନ୍ତି ବିଭାଗୀୟ ମନ୍ତ୍ରୀ।



ରାସନକାର୍ଡ ଦୁର୍ନୀତି ପରେ ସାମନାକୁ ଆସିଛି ଭତ୍ତା କେଳେଙ୍କାରୀ। ଭେଣ୍ଡିଆମାନେ ଜାଲିଆତି କରି ବୟସ ବଢ଼ାଇ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସହାୟତା ଅଧୀନରେ ଭତ୍ତା ହାତେଇଛନ୍ତି। ବିଧାନସଭାରେ ଏସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେଳେଙ୍କାରୀର ଗୁମର ଖୋଲି ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ। କେବଳ ଯାଜପୁର ଜିଲ୍ଲାର ୮୯୪ ଜଣ ଜାଲିଆତି କରି ଭତ୍ତା ପାଇଛନ୍ତି। ସେହିପରି କେନ୍ଦ୍ରାପଡାରେ ପାଇଛନ୍ତି ୬୫ଜଣ ।


▶▶ପୃଷ୍ଠା ୭


## ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୧/୨(ନି.ପ୍ର) : ଆସନ୍ତା ମାର୍ଚ୍ଚ ୮ତାରିଖ ଶନିବାର ଦିନ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ଗଂଗୀ, ବେଗୁନିଆ ଅଦାଲତ ପରିସରରେ ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା- ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ୍ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତ ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧୀକରଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।


▶▶ପୃଷ୍ଠା ୭




## ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ସଜା ଉପରେ ରାୟ ଆସନ୍ତା ୨୫ ରେ

ନୂଆଦିଲ୍ଲୀ, ୨୧/୨: ରାଉଜ ଏବେନ୍ୟୁ କୋର୍ଟ ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି କାବେରୀ ବାବେଜା ୧୯୮୪ ର ଶୀଖ୍ ବିରୋଧୀ ଦଙ୍ଗା ସହିତ ଜଡ଼ିତ ସରସ୍ୱତୀ ବିହାରର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ସଜାର ଅବଧି ଉପରେ ରାୟକୁ ଆଜି ସଂରକ୍ଷିତ ରଖିଛନ୍ତି । ସେ ସମସ୍ତ ପକ୍ଷର ଦଲିଲ୍ ଶୁଣାଣି ପରେ ଫେବୃଆରୀ ୨୫ ତାରିଖରେ ଏନେଇ ଚୂଡ଼ାନ୍ତ ରାୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ସଜ୍ଜନ କୁମାରଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରିବାକୁ ସିବିଆଇ ଏବଂ ଅଭିଯୋଗକାରୀ ଦାବି କରିଛନ୍ତି । ପ୍ରକାଶ ଥାଉକି, ଫେବୃଆରୀ ୧୨ ତାରିଖରେ ଏହି ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ । ଏହି ମାମଲା ୧୯୮୪ ନଭେମ୍ବର ୧ ତାରିଖର । ଏହି ଦିନ ପଶ୍ଚିମ ଦିଲ୍ଲୀର ରାଜନଗରରେ ସର୍ଦ୍ଦାର ଜସବନ୍ତ ସିଂହ ଏବଂ ସର୍ଦ୍ଦାର ତରୁଣ ଦୀପ ସିଂହଙ୍କୁ ଜାଳି ହତ୍ୟା କରାଯାଇଥିଲା । ଅଭିଯୋଗକାରୀଙ୍କ ମୁତାବକ, ଏହି ଗୋଷ୍ଠିର ନେତୃତ୍ୱ ନେଉଥିଲେ ସଜ୍ଜନ କୁମାର । ସଜ୍ଜନ କୁମାର ସେତେବେଳେ ବାହାର ଦିଲ୍ଲୀ ଲୋକସଭା ଆସନରୁ କଂଗ୍ରେସ ସାଂସଦ ଥିଲେ ।

## ଲକ୍ଷ୍ନୌ ବିମାନ ବନ୍ଦରରେ ପହଂଚିଲେ ରାହୁଲ ଗାନ୍ଧି

ଲକ୍ଷ୍ନୌ, ୨୧/୨ (ନି.ପ୍ର): - ଲୋକସଭାରେ ବିରୋଧି ଦଳର ନେତା ରାହୁଲ ଗାନ୍ଧି ଗୁରୁବାର ଚୌଧୁରୀ ଚରଣ ସିଂହ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚିଛନ୍ତି । ଏହି ଅବସରରେ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ଅଜୟ ରାୟ ଏବଂ ରାଜ୍ୟସଭା ସାଂସଦ ପ୍ରମୋଦ ତିୱାରୀ ସମେତ ଅନ୍ୟ ନେତାମାନେ ତାଙ୍କୁ ସ୍ୱାଗତ କରିଛନ୍ତି । ସଂସଦୀୟ କ୍ଷେତ୍ର ରାୟବରେଲିକୁ ଦ୍ୱି ଦିବସୀୟ ଗସ୍ତରେ ଆସିଥିବା ରାହୁଲ ଗାନ୍ଧି ବିମାନ ବନ୍ଦରରେ ପ୍ରଦେଶ ଅଧ୍ୟକ୍ଷ ଅଜୟ ରାୟଙ୍କ ସହିତ ସାଧାରଣ ଲୋକଙ୍କ ନିମନ୍ତେ ପ୍ରସ୍ତୁତ ହେଉଥିବା ବଜେଟ୍ ଉପରେ ମଧ ସଂକ୍ଷିପ୍ତ ଆଲୋଚନା କରିଥିଲେ । ସେ ନିଜର ଏହି ଦ୍ୱି ଦିବସୀୟ ବିକାଶ କାର୍ଯ୍ୟକ୍ରମ ଏବଂ ବିଶେଷ ରୂପରେ କାର୍ଯ୍ୟକର୍ତା ସମ୍ବାଦ କାର୍ଯ୍ୟକ୍ରମ ବାବଦରେ ତଥ୍ୟ ସଂଗ୍ରହ କରିଥିଲେ । ରାହୁଲ ବିମାନ ବନ୍ଦର ବାହାରକୁ ବାହାରିବା ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକର୍ତା ମାନେ ନାରାବାଜି କରିଥିଲେ । ଏବଂ ରାହୁଲଙ୍କୁ ସ୍ୱାଗତ କରିଥିଲେ ।

## ହତ୍ୟା ଉଦ୍ୟମକାରୀଙ୍କୁ ସଶ୍ରମ କାରାଦଣ୍ଡ

ବଲାଙ୍ଗିର, ୨୧/୨ (ନି.ପ୍ର): ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ମାନ୍ୟବର ବିଚାରପତି କୁନମୁନ ଆଚାରୀ ସହକାରୀ ଫୌଜଦାରୀ ଓ ବରିଷ୍ଠ ଦେଓ୍ୱାନି ଅ ଦ । ଲ ତ ଏଲ୍.ଆର.ଏସ୍ଏଲ୍.ଟି.ଭି, ବଲାଙ୍ଗିର, ବଲାଙ୍ଗିର ସେସନ୍ସ୍ କେସ ନଂ.୭୬/୩୮ ସନ୍ ୧୯୯୫ ବିଚାର କରି ସାକ୍ଷ୍ୟମାନଙ୍କ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ସୁଦାମ ବିଶ୍ୱାଳ ଓ ସହଯୋଗୀ ରତନ ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ଦଣ୍ଡ ସଂହିତା ୩୨୬ ଓ ୩୦୭ ଉଭୟଙ୍କୁ ଉଭୟ ଧାରାରେ ତିନି ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟରେ ଅଧିକ ଦୁଇ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ସୂଚନାନୁସାରେ ଗତ ତା.୩୦.୦୬.୨୦୧୫ ମସିହାରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ଥାନା ଅଧିନସ୍ଥ ଗୁର୍ଜିଭଟା ଗ୍ରାମର ସୁଦାମ ବିଶ୍ୱାଳ ତାର ସଂପର୍କିୟ ଭାଇ ରତନ ବିଶ୍ୱାଳ ମିଶି ଉକ୍ତ ଗ୍ରାମର ସଂଜୀବ ବିଶ୍ୱାଳଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଟାଙ୍ଗିଆ ଦ୍ୱାରା ଅତର୍କିତ ମାରାଣନ୍ତକ ଆକ୍ରମ କରି ହାଣି ଲହୁଲୁହାଣ କରି ଘଟଣାସ୍ଥଳରୁ ପଳାୟନ କରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ସଂଜିବ କୁ ଲୋଇସିଂହା ଥାନା ଓ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣି ସ୍ୱାସ୍ଥ୍ୟ ସଂକଟାପୂର୍ଣ୍ଣ ହେବାରୁ ବୁର୍ଲା ମେଡିକାଲ କୁ ସ୍ଥାନାନ୍ତରିତ କରିଥିଲେ । କ୍ଷତାକ୍ତ ସଂଜିବର ଭାଇ ରଂଜିତ ବିଶ୍ୱାଳ ଆସି ଲୋଇସିଂହା ଥାନାରେ ଏତଲା ଦେଇଥିଲେ । ଉକ୍ତ ମକଦ୍ଦମା ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ବୈଷ୍ଣବ ଚରଣ ସାହୁ ପରିଚାଳନା କରିଥିଲେ ।

## ଅଣଧାନ ଖାଦ୍ୟ ପ୍ରସ୍ତୁତି ରୋଷେଇ ପ୍ରତିଯୋଗିତା

ସମ୍ବଲପୁର, ୨୧/୨ (ନି.ପ୍ର): – ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କିରାଶାସନ ଗ୍ରାମରେ ଏବେ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ଅବସରରେ ସ୍ଥାନୀୟ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଏକ ଅଣଧାନ ଖାଦ୍ୟ ପ୍ରସ୍ତୁତି ରୋଷେଇ ପ୍ରତିଯୋଗିତା ହୋଇଥିଲା । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାର୍କ' ପକ୍ଷରୁ କୁଚିଣ୍ଡା ବ୍ଲକ କିରାଶାସନ ଠାରେ ଆୟୋଜିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ଡ.ଗୌରବମୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ୍ କୃଷି ଅଧିକାରୀ ପ୍ରସନ୍ନ ସ୍ୱାଇଁ, ଜିଲ୍ଲା କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଜିଲ୍ଲା କୃଷି ଯୋଜନା ଅଧିକାରୀ ଟଙ୍କଧର ନାଗ, ବ୍ୟାଙ୍କ ମ୍ୟାନେଜର ଦେବ କିଶୋର ନାଏକ, ଗୋଷ୍ଠୀ କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ଅତିରିକ୍ତ କୃଷି ଅଧିକାରିଣୀ ସୁସ୍ମିତା କିରୋ, କୃଷି ବିଶେଷଜ୍ଞ ରଘୁମଣୀ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୩୬ଟି ଗୋଷ୍ଠୀ ଭାଗ ନେଇଥିଲେ । ଶେଷରେ ସମସ୍ତ କୃତି ପ୍ରତିଯୋଗୀ ତଥା ଏସ୍ଏଚଜି ମହିଳାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । 'ସାର୍କ' ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେବା ସହ ଆୟୋଜିତ ସଭା ପରିଚାଳନା କରିଥିଲେ । ୩ ଦିନିଆ ଏହି ପ୍ରତିଯୋଗିତାରେ ମୋଟ ୩୬ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ । ଅଣଧାନ ମଧ୍ୟରେ ବିଶେଷକରି ମୁଗ, ବିରି, କୋଳଥ, ମକା, ମାଣ୍ଡିଆ, ଚିନାବାଦାମ, ରାଶି ଓ ବିଭିନ୍ନ ପ୍ରକାର ପନି ପରିବାରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା । କାର୍ଯ୍ୟକ୍ରମରେ କିରାଶାସନ, ସାତକମା, ବିଜାଡ଼ିହି, କୁଲେଇଗଡ଼, ପୁରୁଣାପାଣି, କୁଟୁରାଚୁଆଁ ଆଦି ଗ୍ରାମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୨: ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ରେଖା ଗୁପ୍ତାଙ୍କୁ ସାରା ଦେଶରୁ ଶୁଭେଚ୍ଛା ମିଳୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଦିଲ୍ଲୀର ବିକାଶ ପାଇଁ ସେ ପୂରା ଶକ୍ତିର ସହିତ କାମ କରିବେ ଏବଂ ତାଙ୍କ କାର୍ଯ୍ୟକାଳ ଫଳପ୍ରଦ ହେବ ।

ସେ କହିଛନ୍ତି ଯେ, କ୍ୟାମ୍ପସର ରାଜନୀତି, ରାଜ୍ୟର ସଙ୍ଗଠନ, ନଗରପାଳିକା ପ୍ରଶାସନ ଓ ବିଧାୟକ ତଥା ଏବେ ମୁଖ୍ୟମନ୍ତ୍ରୀ ଭାବେ ସକ୍ରିୟତାର ସହ କାମ କରି ଆଗକୁ ବଢ଼ୁଛନ୍ତି । ପ୍ରଧାନମନ୍ତ୍ରୀ ମନ୍ତ୍ରୀ ପଦର ଶପଥ ନେଇଥିବା ପ୍ରବେଶ ସାହିବ ସିଂହ, ଆଶିଷ ସୁଦ, ସରଦାର ମନଜିନ୍ଦର ସିଂହ ସିରମା, ରବିନ୍ଦ୍ର ଇନ୍ଦ୍ରାଜ ସିଂହ, କପିଲ ମିଶ୍ରା ଓ ପଙ୍କଜ କୁମାର ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ଏହି ଟିମ୍ ସାହସ ଓ ଅନୁଭବର ସଙ୍ଗମ ଅଟେ ଏବଂ ନିଶ୍ଚିତ ଭାବେ ଦିଲ୍ଲୀ ପାଇଁ ସୁଶାସନ ସୁନିଶ୍ଚିତ କରିବ ।

## ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ୍ ଉଦଘାଟିତ

ସମ୍ବଲପୁର, ୨୧/୨ (ନି.ପ୍ର): – ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୪ ଜଣ ଉଚ୍ଚାଙ୍କାକ୍ଷୀ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ 'ଐକ୍ୟମ୍' ଆଜି ମହାସମାରୋହରେ ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ଗୌରୀଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଂଚଳିକ ଆର୍ଟ ଗ୍ୟାଲେରୀ ପରିସରରେ 'ଐକ୍ୟମ୍ 'ର ସଂଯୋଜକ କେଦାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଈଶ୍ୱର ଚନ୍ଦ୍ର ନାୟକ, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ରୋଜାଲିନ ତିର୍କି , ବରିଷ୍ଠ କବି ପ୍ରଦୀପ କୁମାର ପଣ୍ଡା ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମଭୋଇ ଚେୟାରର ପ୍ରଫେସର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ କେଦାର ନାୟକଙ୍କ ସମେତ ହୃଷୀକେଶ ରଣା, ଏମ. ସାଇ ଜନାର୍ଦ୍ଦନ ଆଚାର୍ଯ୍ୟ, ପ୍ରେମ ଚାନ୍ଦ ରାଉତ୍, ପ୍ରଭୁ ଦୟାଲ୍ ତିର୍କି, ପି. ବି. ଗଣେଶ, ଶାନ୍ତନୁ କୁମାର ମେହେର, ବୃନ୍ଦାବନ ବିଶି, ସତ୍ୟନାରାୟଣ ମେହେର, ବୀରେନ୍ଦ୍ର ବି. ସିଂ , ଗଣେଶ ପ୍ରସାଦ ସିଂ, ସମରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ପପ୍ପୁ କୁମାର ନାୟକ, ସୁରେଶ କୁମାର ସାହୁ, ଡି. ଶିବା ଆଚାରୀ, ବିକାଶ ଘୋଷ, ଶୁଭମ୍ ସାହୁ, ଅଂଶୁମାନ ପଣ୍ଡା, ରାହୁଲ୍ ମହାକୁଡ, ଲିଙ୍କନ ନାୟକ, ସୁଶାନ୍ତ ମେହେର, ବିଦ୍ୟାପତି ପଧାନ ଏବଂ ସରୋଜ ରଣାଙ୍କ ଚିତାକର୍ଷକ ଚିତ୍ରକୃତୀ ସ୍ଥାନ ପାଇଛି । ଏହି ପ୍ରଦର୍ଶନୀ ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ କଳାପ୍ରେମୀ ତଥା ଦର୍ଶକ ମାନଙ୍କ ପାଇଁ ପୂର୍ବାହ୍ନ ୧୧ ଟା ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାଯାଇଛି ।

## ପାକିସ୍ତାନରେ ୧୪ ଆତଙ୍କବାଦୀଙ୍କୁ ଧରିବା ପାଇଁ ଇନାମ ଘୋଷଣା

ଇସଲମାବାଦ, ୨୦ ଫେବୃଆରୀ(ହି.ସ)-ଖୈବର ପଖ୍ତୁନଖ୍ୱା ସରକାର ପ୍ରଦେଶର ସବୁଠାରୁ ଅଶାନ୍ତ କୁର୍ମ ଜିଲ୍ଲାରେ ରକ୍ତପାତ କରୁଥିବା ୧୪ ଆତଙ୍କବାଦୀଙ୍କୁ ଜୀବନ୍ତ କିମ୍ୱା ମୃତ ଧରିବା ପାଇଁ ଇନାମ ଘୋଷଣା କରାଯାଇଛି । ସରକାରୀ ବିଜ୍ଞପ୍ତିରେ ଆନୁମାନିକ ରାଶି ପ୍ରାୟ ୧୩୦ ମିଲିୟନ ଟଙ୍କା କୁହାଯାଉଛି । ଏଆରଓ୍ୱାଇ ନ୍ୟୁଜ ଚ୍ୟାନେଲ ଖବର ଅନୁସାରେ ସବୁଠାରୁ ଅଧିକ ପୁରସ୍କାର ରାଶି ୩୦ ମିଲିୟନ ଟଙ୍କା ରକ୍ତପାତ ଆତଙ୍କବାଦୀ କାଜିମ ପାଇଁ ଘୋଷଣା କରାଯାଇଛି । ଅବଶିଷ୍ଟ ୧୩ ଆତଙ୍କବାଦୀ ୧୦ ଲକ୍ଷ ଟଙ୍କାରୁ ନେଇ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଇନାମ ରହିଛି । ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ସୁଚନା ଦେଉଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବ । ଏହି ନିର୍ଣ୍ଣୟ ଆତଙ୍କବାଦ ମୁକାବିଲା ପାଇଁ ସରକାରଙ୍କ ଦୃଢ ପ୍ରୟାସର ଏକ ଅଂଶ ଭାବରେ ନିଆଯାଇଛି ।କୁରମରେ ଆତଙ୍କବାଦୀଙ୍କ ମୁଣ୍ଡ ଉପରେ ଇନାମର ଉଦ୍ଦେଶ୍ୟ ଜନସାଧାରଣଙ୍କୁ ଗୁରୁତ୍ୱପୁର୍ଣ୍ଣ ସୁଚନା ପ୍ରଦାନ କରିବାକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ।

## କେନ୍ଦୁଝର:ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାର ତଦାରଖ

କେନ୍ଦୁଝର, ୨୧/୨ (ନି.ପ୍ର)– ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଚାଷୀମାନଙ୍କ ଆୟକୁ ଦୁଇଗୁଣା କରିବା ସହିତ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଏହି ସବୁ କୃଷକ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ନିରୀକ୍ଷଣ ପାଇଁ ଗୁରୁବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲା ଘଟଗାଁ ଓ ହରିଚନ୍ଦନପୁର ପ୍ରଭୃତି ବ୍ଲକର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଘଟଗାଁ କୃଷି ଅଧିକାରୀ ରାଜେନ୍ଦ୍ର ଦାସ ଓ ହରିଚନ୍ଦନପୁର ବ୍ଲକର କୃଷି ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳ, ଜିଲ୍ଲା କୃଷି ଅଧିକାରୀ ସୁଧିରଂଜନ ବେହେରାଙ୍କ ସମେତ ସମସ୍ତ କୃଷି କର୍ମଚାରୀମାନେ ସମୀକ୍ଷା ବୈଠକ ରେ ଉପସ୍ଥିତ ଥିଲେ । ଓଡିଶା ରାଜ୍ୟକୁ ଖାଦ୍ୟ ଶସ୍ୟରେ ଆତ୍ମ ନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି । ତତସହିତ ସାର ଓ କୀଟନାଶକ ମଧ ମାଗଣାରେ ଯୋଗାଇ ଦେଉଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି । ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଂଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କରିଥିଲେ । ବିହନ ପାଇ ଚାଷ କରିଥିବା କ୍ଷେତ କୁ ମଧ ଯାଇ ଫସଲ ବୁଲି ଦେଖିଲେ । ଆଳୁ ଚାଷ ରେ ଓଡିଶା ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଚାଷୀ ମାନଙ୍କୁ ବ୍ୟାପକ ଭାବେ ଆଳୁ ବିହନ ଯୋଗାଇ ଦେବା ସହିତ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ହରିଚନ୍ଦନପୁର ବ୍ଲକ ୨୭୦ ଜଣ ଚାଷୀ ଏକଶହ ଏକର ଜମିରେ ଚଳିତ ବର୍ଷ ଆଳୁ ଚାଷ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଳୁ ଚାଷ କରିଥିବା କ୍ଷେତ ଯାଇ ଫସଲ ପରିଦର୍ଶନ କରିବା ସହିତ ଆଳୁ ଫସଲ କିପରି ଚାଷୀ ମାନେ କରିଛନ୍ତି ଦେଖିଥିଲେ । ଏହି ପରିଦର୍ଶନ ସମୟ ରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀ ଶିଶିର ସାହୁ, ଅନନ୍ତ ସାହୁ, ଚତୁର୍ଭୁଜ ସାହୁ, ପ୍ରତାପରୁଦ୍ର ସାହୁ, ଅମର ସିଂ, ରବିନ୍ଦ୍ର କୁମାର ଦେହୁରୀ, ଗୋଲକ ବଲ, ଶରତ ଚନ୍ଦ୍ର ବେଜ, ମକରଧ୍ୱଜ ବେହେରା, ରୁଦ୍ରନାରାୟଣ ବେହେରା, ପ୍ରିତମ ରୋଶନ ମହାପାତ୍ର, ଅଜିତ ପାଣିଗ୍ରାହୀ, ଉତମ ପ୍ରଧାନ, ଉପେନ୍ଦ୍ର ଦାସ, ଶ୍ରୀବସ୍ତ ପାଇକରାୟ, ସଞ୍ଜୟ କୁମାର ମହାନ୍ତ, ମନୋଜ କୁମାର ମହାନ୍ତ, ସଞ୍ଜୟ କୁମାର ସାହୁ, ଜୟ କୃଷ୍ଣ ମହାନ୍ତ, ନିର୍ମଳ ଚନ୍ଦ୍ର ପରିଡା, ତପନ କୁମାର ରାଉତ, ଦାମୋଦର ବାରିକ, ପ୍ରଣୟ କିଶୋର ମହାନ୍ତି, ମୁନା ବେଜ, ବିଜୟ କୁମାର ସାହୁ, ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତା ସାମିଲ ହୋଇଥିଲେ ।

## ରତଙ୍ଗ ଓ ଭୃଙ୍ଗିଯୋଡ଼ିରେ ପଂଚାୟତ ବିକଶିତ ପଂଚାୟତ ଅନ୍ତର୍ଗତ କର୍ମଶାଳା

କନ୍ଧମାଳ, ୨୧/୨ (ନି.ପ୍ର): – ଆକାଂକ୍ଷା ବ୍ଲକ ଫିରିଙ୍ଗିଆର ରତଙ୍ଗ ଓ ବୁରୁଙ୍ଗିଯୋଡ଼ି ଗ୍ରାମପଂଚାୟତର ସଭାଗୃହ ଠାରେ ବ୍ଲକ ପ୍ରଶାସନ ଓ ବ୍ଲକ ଶିକ୍ଷା ବିଭାଗ ସହଯୋଗରେ ୧୪ଟି ଗ୍ରାମପଂଚାୟତର ୪୫ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଓ ସଂକୁଳ ସାଧନ ସେବିଙ୍କ ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ତ୍ୱରିତ ଭାବେ ଅଭିବୃଦ୍ଧି ଓ ପଂଚାୟତର ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ନେଇ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଉଭୟ ପଂଚାୟତର ସରପଂଚ ଉଦ୍‌ଘାଟନ କରିବା ସହ ଅଭିଭାଷଣରେ ପଂଚାୟତ ଓ ଜନପ୍ରତିନିଧିଙ୍କ ସହ ସମନ୍ୱୟ ଓ ସହଯୋଗକୁ ଧ୍ୟାନ ଦେବାସହ ଶିକ୍ଷା କ୍ଷେତ୍ରରେ ଉଭୟ ମିଳିତ ପ୍ରଚେଷ୍ଟାରେ ବିକଶିତ ପଂଚାୟତ ଗଢିବାରେ ସହଯୋଗ ପାଇଁ ଉତ୍ସାହିତ କରିଥିଲେ । ନୀତିଆୟୋଗର ସହଯୋଗୀ ସଂସ୍ଥା ପିରାମଲ ଫାଉଣ୍ଡେସନ ଆକାଂକ୍ଷା ଭାରତ ସହଯୋଗୀ କାର୍ଯ୍ୟକ୍ରମର ଗାନ୍ଧୀ ଫେଲୋ ପାୟଲ ଓ ତନଭି ପ୍ରଶିକ୍ଷଣ ମାଧ୍ୟମରେ ୫୫ଜଣ ଅଂଶଗ୍ରହଣକାରୀଙ୍କୁ ପଂଚାୟତ ସ୍ତରୀୟ ସହଯୋଗୀ ଓ ସମନ୍ୱୟ ଦଳର ସହଯୋଗରେ ଛାତ୍ରଛାତ୍ରୀଙ୍କ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ତ୍ୱରିତ ଭାବେ ଅଭିବୃଦ୍ଧି ଓ ପଂଚାୟତର ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ପିରାମଲ ଫାଉଣ୍ଡେସନର ପ୍ରତିନିଧି ଅଶ୍ୱିନୀ ପାରତେଡି,ଭବାନୀ, ବିଭୁତି ଏବଂ ବ୍ଲକ ଆକାଂକ୍ଷା ଫେଲୋ ନରବେଡ୍ ଦିଗାଳ ସହଯୋଗ କରିଥିଲେ ।

## ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗାଡିକୁ ବୋମାରେ ଉଡାଇବାକୁ ଧମକ, ତଦନ୍ତ ଆରମ୍ଭ କଲା ପୋଲିସ

ମୁମ୍ବାଇ, ୨୦ ଫେବ୍ରୁଆରି - ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗାଡିକୁ ବୋମାରେ ଉଡାଇବାକୁ ଧମକ ଇମେଲ ମାଧ୍ୟମରେ ମିଳିଛି । ମୁମ୍ବାଇ ପୋଲିସ ଟିମ ଏହି ଧମକ ଭରା ଇମେଲ ପଠାଇବାକୁ ନେଇ ଛାନଭିନ କରୁଛି । ମୁମ୍ବାଇ ପୋଲିସ ସୂତ୍ର ଗୁରୁବାର କହିଛି ଯେ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗାଡିକୁ ବୋମାରେ ଉଡାଇବା ସଂପର୍କିତ ଧମକଭରା ଇ-ମେଲା ଗୋରେଗାଓଁ ପୋଲିସ ଷ୍ଟେସନକୁ ଅଜ୍ଞାତ ବ୍ୟକ୍ତି ମେଲ ପଠାଇଥିଲେ ।ଏହାର ସୂଚନା ମିଳିବା ପରେ ହିଁ ଏହି ଇମେଲକୁ ପଠାଇଥିବା ବ୍ୟକ୍ତି ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି ।

## କେନ୍ଦୁଝରରେ ଅଦିନିଆ କାଳବୈଶାଖୀରେ ଉଜୁଡି ଯାଇଥିବା ଚାଷର ସ୍ଥିତି ଅନୁଧ୍ୟାନ କରିଛନ୍ତି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

କେନ୍ଦୁଝର, ୨୧/୨ (ନି.ପ୍ର): – କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଅଦିନିଆ କାଳବୈଶାଖୀ ରେ ଚାଷୀର ଚାଷ ଜମି ଉଜୁଡିଯାଇଥିବା ବେଳେ ସ୍ଥିତି ଅନୁଧ୍ୟାନ କରିଛନ୍ତ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ । ଗୁରୁବାର ଦିନ କେନ୍ଦୁଝର ସଦର ବ୍ଲକ ଅର୍ନ୍ତଗତ ବାଉରିପଦା ପଂଚାୟତ, ଶର୍କିଂରି ପଂଚାୟତ ର ମନୋହରପୁର, ପୋଟଲ, ବିସ୍ୱନାଥପୁର, କୁଶପଦା, ମୁକୁନା, ଶ୍ରଦ୍ଧାପୁର, ପୋଟଳ, ଜଡିପଦା, କଣ୍ଡରାପଶି, ଶର୍କିଂର, ତେରଂଚି ପ୍ରଭୃତି ଗ୍ରାମ ଗୁଡିକରେ ଗୁରୁବାର ଦିନ ମଧ୍ୟାହ୍ନ ସମୟରେ କାଳବୈଶାଖିରେ ପ୍ରବଳ ଝଡ଼ ତୋଫାନ ହେବା ସହିତ କୁଆପଥର ମାଡରେ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହେଇଯାଇଛି । ଫୁଲକୋବି, ବନ୍ଧାକୋବି, ବିଲାତି, ବିମ୍ବଛୁଇଁ, ମଟର, ଧନିଆ, ପିଆଜ, କଲରା, ଜହ୍ନି ପ୍ରଭୃତି ଫସଲ ବ୍ୟାପକ ଭାବେ ନଷ୍ଟ ହେଇ ହଜାର ହଜାର ଚାଷୀ ସର୍ବସ୍ୱାନ୍ତ ହୋଇଛନ୍ତି । ଖବରପାଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଜି ଘଟଣା ସ୍ଥଳକୁ ଯାଇ କ୍ଷତିଗ୍ରସ୍ତ ଫସଲ କ୍ଷେତକୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସଂଧ୍ୟା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିବା ସହିତ ତୁରନ୍ତ କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ସହଯୋଗରେ କ୍ଷୟ କ୍ଷତି ଆକଳନ କରିବାକୁ ଅନୁରୋଧ କରିଛନ୍ତି । କାଳବୈଶାଖୀ ଓ କୁଆ ପଥର ମାଡରେ କ୍ଷତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଚାଷୀମାନଙ୍କୁ ସହାୟତା ପ୍ରଦାନ ଅବଗତି କରିବେ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି । ଏହି ପରିଦର୍ଶନ ରେ ବିଜେପି ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର ଏବଂ ମିଡିଆ ସଂଯୋଜକ ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦିବାସୀ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ, ଅଭିଯୁକ୍ତ ଅଟକ

ମାଲକାନଗିରି, ୨୧/୨ (ନି.ପ୍ର): କାଳିମେଳା ଥାନା ଅନ୍ତର୍ଗତ ଗୁମକା ଗ୍ରାମରେ ଚାଂଚଲ୍ୟ । ଆଦିବାସୀ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ କରାଯାଇଛି । ଏହି ମାମଲାରେ ଅଭିଯୁକ୍ତକୁ ଥାନାରେ ଅଟକ ରଖାଯାଇଛି ।ଗୁମକା ଗ୍ରାମର ମାଲା ମାଡକାମୀଙ୍କ ପତ୍ନୀ ଘରେ ଏକୁଟିଆ ଥିବା ବେଳେ ପୁଲିମେଟଲା ଗ୍ରାମର ଜଣେ ଯୁବକ ଘରେ ପଶି ଉକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିଥିବାର ସନ୍ଦେହ କରାଯାଉଛି । ମହିଳା ଜଣଙ୍କ ଘରେ ଏକୁଟିଆ ଥିବା ବେଳେ ଏହି ଘଟଣା ଘଟିଥିବାର ଗ୍ରାମବାସୀ କହିଛନ୍ତି । ତେବେ ଅଭିଯୁକ୍ତ ଯୁବକକୁ ଗ୍ରାମବାସୀ କାବୁ କରିବା ସହିତ ଗଛରେ ବାନ୍ଧି ନିର୍ଦ୍ଧୁମ ଛେଚି ଥିବାର ଜଣା ପଡ଼ିଛି । ଖବର ପାଇ କାଳିମେଳା ଥାନା ପୁଲିସ ଘଟଣାସ୍ଥଳରୁ ଯୁବକକୁ ଉଦ୍ଧାର କରି ଥାନାରେ ଅଟକ ରଖି ଅଧିକ ପଚରାଉଚରା କରିଛି ।ମିଳିଥିବା ସୂଚନା ଅନୁସାରେ, ଗତକାଲି ଅପରାହ୍ନ ୪ଟା ସମୟରେ ଗୁମକା ଗ୍ରାମର ମାଲା ମାଡକାମୀଙ୍କ ପତ୍ନୀ ଘରେ ଏକୁଟିଆ ଥିବା ବେଳେ ପୁଲିମେଟଲା ଗ୍ରାମର ଜଣେ ଯୁବକ ଘରେ ପଶି ଉକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିଥିବାର ସନ୍ଦେହ କରାଯାଉଛି । ମହିଳା ଜଣଙ୍କ ଘରେ ଏକୁଟିଆ ଥିବା ବେଳେ ଏହି ଘଟଣା ଘଟିଥିବାର ଗ୍ରାମବାସୀ କହିଛନ୍ତି । ତେବେ ଅଭିଯୁକ୍ତ ଯୁବକକୁ ଗ୍ରାମବାସୀ କାବୁ କରିବା ସହିତ ଗଛରେ ବାନ୍ଧି ନିର୍ଦ୍ଧୁମ ଛେଚି ଥିବାର ଜଣା ପଡ଼ିଛି । ଖବର ପାଇ କାଳିମେଳା ଥାନା ପୁଲିସ ଘଟଣାସ୍ଥଳରୁ ଯୁବକକୁ ଉଦ୍ଧାର କରି ଥାନାରେ ଅଟକ ରଖି ଅଧିକ ପଚରାଉଚରା କରିଛି । ଘର ଭିତରେ ମହିଳା ମୃତ ଶରୀର ଉଲଗ୍ନ ଅବସ୍ଥାରେ ପଡ଼ି ରହିଥିବାରୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିବାର ଅନୁମାନ କରାଯାଉଛି । କୋରାପୁଟରୁ ସାଇଂଟିଫିକ ଟିମ୍ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି ।

## ଜମି ପଟ୍ଟା ଜାଲିଆତି କରି ଋଣ ଉଠାଣ, ଥାନାରେ ମାମଲା

କୋରେଇ, ୨୧/୨ (ନି.ପ୍ର) ସାନଭାଇର ଜମିକୁ ତାଙ୍କ ଅଜାଣତରେ ବଡଭାଇ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତିରୁ ବନ୍ଧକ ଦେଇ ଋଣ କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ପ୍ରକାଶଯେ ପଥରପଦା ପଂଚାୟତ ଅନ୍ତର୍ଗତ ତାଜପୁର ଗ୍ରାମର ସନାତନ ବେହେରାଙ୍କ ବଡଭଇ କୃଷ୍ଣ ଚନ୍ଦ୍ର ବେହେରା ସନାତନଙ୍କ ଜମି ବନ୍ଧକ ଦେଇ ସମବାୟ ସମିତିରୁ ଋଣ କରିଥିବାର ଅଭିଯୋଗ ହୋଇଛି । ସନାତନ ତାଙ୍କ ଜମିର ଇସି ବାହାର କରିବାରୁ ଜଣାପଡିଲାଯେ ତାଙ୍କ ଜମି ବନ୍ଧକ ପଡିଛି । ସେ ବନ୍ଧକ ଦେଇନଥିବାରୁ କିଏ ବନ୍ଧକ ଦେଲାବୋଲି ଖୋଳତାଡ କରିଥିଲେ । ପରେ ଜଣାପଡିଲା ଯେ ତାଙ୍କ ବଡଭାଇ କୃଷ୍ଣ ଚନ୍ଦ୍ର ପାଣିକୋଇଲି ସେବା ସମବାୟ ସମିତି ଜରିଆରେ ଉକ୍ତ ଜମିକୁ ବନ୍ଧକ ଦେଇ ଋଣ କରିଛନ୍ତି । ଫଳରେ ସନାତନ ଥାନାର ଦ୍ୱାରାସ୍ଥ ହୋଇଥିଲେ । ଏନେଇ ପାଣିକୋଇଲି ପୁଲିସ ତଦନ୍ତ କରି ସମବାୟ ସମିତିର ସମ୍ପାଦକ ସୁଦର୍ଶନ ପରିଡାଙ୍କୁ ଡାକି ଜମି କେମିତି ବନ୍ଧକ ପଡିଲା ବୋଲି ପ୍ରଶ୍ନ କରିଥିଲେ । ଦୁଇଭାଇଙ୍କ ବଂଟନ ପତ୍ର ଅନୁଯାୟୀ ଉକ୍ତ ଜମି ସନାତନଙ୍କ ନାମରେ ଥାଇ ମଧ୍ୟ କୃଷ୍ଣ ଚନ୍ଦ୍ରଙ୍କ ଭାଗରେ ପଡିଥିବାରୁ ଏହାକୁ ବନ୍ଧକ ଦିଆଯାଇଥିଲା ବୋଲି ସମ୍ପାଦକ କହିଥିଲେ । ଉକ୍ତ ଋଣକୁ ତୁରନ୍ତ ସୁଝିବାକୁ ପୁଲିସ ନିର୍ଦ୍ଦେଶ ଦେବା ସହ ଜମି କାହାର ସେ ସମ୍ପର୍କରେ ଅଦାଲତ ନିଷ୍ପତି ନେବ ବୋଲି କହିଥିଲେ । ପରେ ସନାତନ ତାଙ୍କ ଜମିକୁ ଜାଲିଆତି କରି ବନ୍ଧା ପକାଯାଇଥିବାରୁ ମାମଲା ରୁଜୁ ପାଇଁ ଅଡି ବସିଥିଲେ । ଫଳରେ ଏନେଇ ଏକ ମାମଲା ୩୬/୨୫ ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଅପରପକ୍ଷେ କୃଷ୍ଣ ଚନ୍ଦ୍ର ବନ୍ଧକ ଋଣକୁ ସୁଝିଦେଇଥିବା ଜଣାପଡିଛି ।

## ବାଇକ ସହ ସାଇକେଲ ଧକ୍କା, ଦୁଇ ଆରୋହୀ ଗୁରୁତର

କୋରେଇ, ୨୧/୨ (ନି.ପ୍ର) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପଥରପଦା ଓ ଥାନା ମଧ୍ୟ ମଝିରେ ବୁଧବାର ବିଳମ୍ବିତ ରାତ୍ରୀରେ ବାଇକ ସହ ସାଇକେଲ ଆରୋହୀର ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ ଦୁଇ ଆରୋହୀ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥରେ ସଠିପୁର ପଟୁ ଏକ ବାଇକରେ ଦିଲ୍ଲୀପ ସାମଲ ପାଣିକୋଇଲି ଆସୁଥିଲେ । ରାତି ଅନ୍ଧାରରେ ହଠାତ ପାଣିକୋଇଲି ପଟୁ ଏକ ସାଇକେଲରେ ମାଳଆନ୍ଦପୁର ପଂଚାୟତ ନୁରୁଂଗା ଗ୍ରାମର ହୃଷିକଶ ସାହୁ ଯାଉଥିବା ବେଳେ ଉଭୟଙ୍କ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ସେଠାରେ ପହଂଚି ହୃଷିକେଶକୁ ପ୍ରଥମେ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଭର୍ତି କରି ପ୍ରାଥମିକ ଚିକିତ୍ସା କରାଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ତାଙ୍କ ଅବସ୍ଥା ଦେଖି ଭୁବନେଶ୍ୱର ଏମସ୍କୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଆହତ ଦିଲ୍ଲୀପ ସାମଲକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଅସ୍ତ୍ରୋପଚାର ପାଇଁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ବାଇକଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

## ଓଡିଶା କଳା ଓ କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଜୟପୁର, ୨୧/୨ (ନି.ପ୍ର): - ଓଡିଶା ସରକାରଙ୍କ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସମସ୍ତ ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଓଡିଶା କଳା ଓ କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟ ମାନଙ୍କରେ ୨୦୧୩ ମସିହା ଠାରୁ ଶିକ୍ଷକ ମାନେ ନିଯୁକ୍ତି ପାଇ ଆଜି ସୁଦ୍ଧା ସେମାନେ ସ୍ଥାୟୀ ନିଯୁକ୍ତି ପାଇ ନାହାନ୍ତି । ପାର୍ଟଟାଇମ ହୋଇ ରହିଥିବା ଯୋଗୁଁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରଶିକ୍ଷକ ମାନେ ନିସ୍ୱାର୍ଥପର ଭାବରେ ବିଦ୍ୟାଳୟ ମାନଙ୍କରେ ନିଜର କାର୍ଯ୍ୟ ସୂଚାରୁରୁପେ ସମ୍ପାଦନା କରୁଥିବା ସତ୍ୱେ ପ୍ରତ୍ୟେକଟି ମୁହୂର୍ତରେ ଅବହେଳାର ଶିକାର ହେଉଛନ୍ତି । ଦୀର୍ଘ ୧୨ ବର୍ଷ ଧରି ଏହି ସାମୟିକ ପ୍ରଶିକ୍ଷକ ମାନଙ୍କର ସ୍ଥାୟୀ ନିଯୁକ୍ତି ଦରମା ବୃଦ୍ଧି ଜନିତ ନ୍ୟାର୍ଯ୍ୟ ଦାବି ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରି, ସଚିବ ନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଆଜି ସୁଦ୍ଧା ସୁଫଳ ମିଳିନାହିଁ । ଯାହା ଫଳରେ ବେତନ ୭୭୮୮ ସାଙ୍ଗକୁ ନିଯୁକ୍ତି ହୋଇ ପାରିନଥିବା କାରଣରୁ ପରିବାର ଚଳାଇବା କଷ୍ଟସାଧ ହେଉଛି । ଗତ ୨୦୦୮ ମସିହାରେ ଶିକ୍ଷାସହାୟକ,୨୦୧୭ରେ ଗଣଶିକ୍ଷକ,୨୦୧୭ ରେ ବହୁଭାଷୀ ଶିକ୍ଷକ,୨୦୨୨ ରେ କ୍ୟାଡରଭୁକ୍ତ କରାଇ ଯେଉଁଭଳି ଭାବରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାରେ ସରକାର ପ୍ରମୁଖ ଭୁମିକା ଗ୍ରହଣ କରିଛନ୍ତି ସେହିପରି କଳା ଓ କ୍ରୀଡା ପ୍ରଶିକ୍ଷକ ମାନଙ୍କୁ କ୍ୟାଡରଭୁକ୍ତ କରାଇ ସ୍ଥାୟୀ ନିଯୁକ୍ତି କରିବାପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରଶିକ୍ଷକ ପଦ୍ମଚରଣ ଚୌଧୁରୀ, ଦୀପକ ଦାସ, ସୁରେଶ ଚନ୍ଦ୍ର ମହାପାତ୍ର, ପଦ୍ମିନୀ ବେହେରା, ସୁରେଶ କୁମାର ନାୟକ, ରାଜେନ୍ଦ୍ର କୁମାର ପଟ୍ଟନାୟକ, ସ୍ମିତା ରଥଙ୍କ ସମେତ ଅନ୍ୟ ପ୍ରଶିକ୍ଷକ ମାନେ ଉପସ୍ଥିତ ଥିଲେ ।

## ବଜ୍ରାଘାତରେ ବୃଦ୍ଧା ଆହତ ,୬ ଛେଳିଙ୍କ ମୃତ୍ୟୁ

ଖୋର୍ଦ୍ଧା, ୨୧/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ସିମୋର ପଂଚାୟତ କଂଟାମଳିମ ଗ୍ରାମରେ ବଜ୍ରାଘାତରେ ଜଣେ ବୃଦ୍ଧା ଆହତ ହୋଇଥିବା ବେଳେ ଏବଂ ତାଙ୍କର ୬ଟି ଛେଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ମୁତାବକ, ଆଜି ଭୋର ସାଢ଼େ ୫ଟା ସମୟରେ କଂଟାମଳିମ ଗ୍ରାମରେ ଘଡ଼ଘଡ଼ି ସହ ଅଦିନିଆ ବର୍ଷା ହୋଇଥିଲା । ବ୍ରଜପାତ ଘଟି ଗ୍ରାମର ମାଧବ ଲେଙ୍କାଙ୍କ ସ୍ତ୍ରୀ ହୀନ ଲେଙ୍କା ବଜ୍ରାଘାତରେ ଆହତ ହୋଇଥିବା ବେଳେ ତାଙ୍କର ୬ଟି ଛେଳିଙ୍କର ମୃତ୍ୟୁ ଘଟିଛି । ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ହୀନ(୭୦)ଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି ।

## କୁକୁର ବି ରକ୍ତଦାନ କରନ୍ତି

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ ପ୍ଲେଟଲେଟସ, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍, ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରଙ୍କୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆ ର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି

**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ।

ଏବେ କରେଇରେ ତେଲ ଗରମ କରନ୍ତୁ। ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ। ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ। ପ୍ରସ୍ତୁତ ହୋଇଗଲା ମିଠା ପୁରି।



## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏବେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ । ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୁଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।





## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



## ବୟସ ମାନିଛି ହାର ! ୭୨ ବର୍ଷରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର,ରୋଡ୍ ରୋଲର ଭଳି ୧୧ ପ୍ରକାରର ଭାରୀଯାନ

ବୟସ ହାର ମାନିଛି କୋଚିର ୭୨ ବର୍ଷବୟସ୍କା ରାଧାମଣି ଆମ୍ମାଙ୍କ ନିକଟରେ। ୭୨ ବର୍ଷ ବୟସରେ ରାଧାମଣି ଚଳାଉଛନ୍ତି ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଅନ୍ୟ ଚାରି ଚକିଆ ଯାନ ସମେତ ୧୧ ପ୍ରକାରର ଭାରୀଯାନ। ଗାଡ଼ି ଚଳାଇବା ପାଇଁ ତାଙ୍କ ନିକଟରେ ବିଧିବଦ୍ଧ ଲାଇସେନ୍ସ ମଧ ରହିଛି।

ଏହି ବିରଳ ସଫଳତାର ଅଧିକାରିଣୀ ହୋଇ କୋଚିର ଥୋପମ୍ପଡିର ରାଧାମଣି ଆମ୍ମା ପ୍ରମାଣିତ କରିଛନ୍ତି ଯେ ବୟସ କଦାପି କୌଣସି ଜିନିଷ ପାଇଁ ପ୍ରତିବନ୍ଧକ ନୁହେଁ। ୭୨ ବର୍ଷବୟସ୍କା ରାଧାମଣି ଆମ୍ମା ପ୍ରଥମେ ୧୯୮୧ରେ କାର ଚଳାଇବା ଶିଖିଥିଲେ, ଯାହା କେବଳ ଆରମ୍ଭ ଥିଲା। ପରେ ତାଙ୍କ ଜୀବନ ଡ୍ରାଇଭିଂ କ୍ଷେତ୍ରରେ ଶିଖର ଛୁଇଁବା ସହ ତାଙ୍କର ଉଚ୍ଚ ସ୍ୱପ୍ନକୁ ସାକାର କରିଥିଲା। ସେ ଲରି, ବସ୍, ଜେସିବି, କ୍ରେନ୍, ଟ୍ରେଲର, ଫର୍କଲିଫ୍ଟ, ରୋଡ୍ ରୋଲର, ଦୁଇ ଚକିଆ ଯାନ, ଅଟୋ ଏବଂ ଶେଷରେ ପେଟ୍ରୋଲିୟମ ଉତ୍ପାଦ ପରିବହନ କରୁଥିବା ବିପଦଜନକ ଯାନ ଚଳାଇବା ପାଇଁ ଲାଇସେନ୍ସ ଅର୍ଜନ କରିଥିଲେ।

୧୯୮୧ରେ ତାଙ୍କ ସ୍ୱାମୀ ଲାଲାନ ତାଙ୍କୁ ଗାଡି ଚଳାଇବା ଶିଖିବାକୁ ପ୍ରେରଣା ଦେବା ପରେ ରାଧାମଣିଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ତାଙ୍କ ସ୍ୱାମୀ ୧୯୭୦ ଦଶକରେ କୋଚିରେ ଏ-ଜେଡ୍ ନାମରେ ଏକ ଡ୍ରାଇଭିଂ ସ୍କୁଲ ଚଳାଉଥିଲେ। ୨୦୦୪ରେ ତାଙ୍କର ମୃତ୍ୟୁ ପରେ, ଏହାକୁ ବର୍ତ୍ତମାନ ରାଧାମଣି ଏବଂ ତାଙ୍କ ପିଲାମାନେ ଚଳାଉଛନ୍ତି।

ଏକ ସମୟରେ ଯେତେବେଳେ କେରଳରେ ଭାରୀଯାନ ପାଇଁ ଡ୍ରାଇଭିଂ ଲାଇସେନ୍ ?ସ ପାଇବା ପାଇଁ କୌଣସି ତାଲିମ ଅନୁଷ୍ଠାନ ନଥିଲା, ସେତେବେଳେ ଆଇନଗତ ଯୁଦ୍ଧ ଲଢି ଏପରି ଏକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ରାଧାମଣିଙ୍କ ସ୍ୱାମୀ। ରାଧାମଣି କହିଛନ୍ତି ଯେ ଭାରୀଯାନ ଚଳାଇବା ପାଇଁ ଲାଇସେନ୍ସ ପାଇବା ପାଇଁ ସେ କେରଳରେ ପ୍ରଥମ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଛନ୍ତି।

ରାଧାମଣି କହନ୍ତି, 'ମୁଁ ପ୍ରଥମେ ଏକ ଚାରିଚକିଆ ଯାନ ଚଳାଇବା ଆରମ୍ଭ କଲି। କାରଣ ମୋ ସ୍ୱାମୀ ଏଥିରେ ଆଗ୍ରହୀ ଥିଲେ। ପରେ, ଯେତେବେଳେ ଡ୍ରାଇଭିଂ ସ୍କୁଲ୍ ଆରମ୍ଭ ହେଲା, ଆମକୁ ଏକ ଭାରୀଯାନ ଲାଇସେନ୍ସ ଆବଶ୍ୟକ ହେଲା, ଏବଂ ଏହି କ୍ରମରେ ମୁଁ ଏହାକୁ ପାଇଲି। କେରଳରେ ଏକ ଭାରୀଯାନ ଡ୍ରାଇଭିଂ ସ୍କୁଲ ଖୋଲିବାରେ ମୁଁ ପ୍ରଥମ ବ୍ୟକ୍ତି। ଯେହେତୁ ଏହା ମୋ ନାମରେ ଆରମ୍ଭ ହୋଇଥିଲା। ରାଧାମଣି ଆମ୍ମା କହନ୍ତି, ମୁଁ ୨୦୧୪ରେ ରୋଡ୍ ରୋଲର, ଟ୍ରାକ୍ଟର, କ୍ରେନ୍ ଏବଂ ଫର୍କଲିଫ୍ଟ ଯାନ ଚଳାଇବା ପାଇଁ ଲାଇସେନ୍ସ ପାଇଲି।

ଚାରି ଦଶନ୍ଧି ପୂର୍ବେ, ତାଙ୍କୁ ଏ ପେସାରେ ଦେଖି ଲୋକେ ପରିହାସ କରୁଥିଲେ। କିନ୍ତୁ, ଆଜି, ଅନେକ ଲୋକ ତାଙ୍କ କାହାଣୀ ଶୁଣିବା ପରେ ତାଙ୍କୁ ଦେଖିବାକୁ ଆସଛନ୍ତି। ତାଙ୍କ ଜୀବନ ଆଜି ସେମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ରାଧାମଣି କହିଛନ୍ତି ଯେ ଜେସିବି ଚଳାଇବା ସବୁଠାରୁ କଷ୍ଟକର ଥିଲା। ଡ୍ରାଇଭିଂ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅନେକ ଚାକିରି ସୁଯୋଗ ଅଛି। ଏହା ସ୍ୱାଗତଯୋଗ୍ୟ ଯେ ଅନେକ ମହିଳା ଆଜି ଡ୍ରାଇଭିଂକୁ ଏକ ଉତ୍ସାହ ଭାବରେ ଗ୍ରହଣ କରୁଛିନ୍ତି। ଡ୍ରାଇଭିଂ କ୍ଷେତ୍ରରେ ଏକ ବଡ଼ ବିପ୍ଲବ ସୃଷ୍ଟି କରିବା ପରେ ରାଧାମଣି ଆମ୍ମା ବର୍ତ୍ତମାନ ଅଟୋମୋବାଇଲ ଇଞ୍ଜିନିୟରିଂରେ ଡିପ୍ଲୋମା ପାଇବାକୁ ଚେଷ୍ଟା କରୁଛନ୍ତି।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## 'ମାଗା'-'ମିଗା'...

ରାଷ୍ଟ୍ର-ସ୍ୱାର୍ଥ ଆଗରେ ଶତ୍ରୁ-ମିତ୍ର ଭାବନା, ଭାବପ୍ରବଣତା କିମ୍ବା ପକ୍ଷପାତିତାର ସ୍ଥାନ ନାହିଁ। ଏହା ହିଁ ଜଣେ ରାଷ୍ଟ୍ରବାଦୀ ଜନନାୟକର ପରିଚାୟକ ଓ ଦାୟିତ୍ୱବୋଧ। 'ଆମେରିକା ଫାଷ୍ଟ(ଆମେରିକାର ସ୍ୱାର୍ଥ ସର୍ବାଗ୍ରେ)' ଓ 'ରେସିପ୍ରୋକାଲ୍ ଟାରିଫ୍(ପରସ୍ପରାନୁବର୍ତ୍ତୀ ବା ଯେସାକୁ ତେସା ଟାରିଫ୍)' ନୀତିରେ ରାଷ୍ଟ୍ର ଓ ଶାସନ ମୁଖ୍ୟ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯଦି ପ୍ରତିଫଳିତ ହୋଇଛି ସେଥିରେ ଅସ୍ୱାଭାବିକତା ନାହିଁ। କାରଣ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ପଦ ଓ ଗୋପନୀୟତାର ଶପଥ ସହିତ ସେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)'ର ସଂକଳ୍ପ ନେଇଥିବା ଘୋଷଣା କରିଛନ୍ତି। ଏହା କିନ୍ତୁ ଭିନ୍ନ ପ୍ରସଙ୍ଗ ଯେ ଟ୍ରମ୍ପଙ୍କ 'ମାଗା' ନୀତି ଏବେ ଭାରତ ସମେତ ବିଶ୍ୱ ବାଣିଜ୍ୟ ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ୍ ଟାରିଫ୍ ନୀତିର ଯୁକ୍ତି ହେଉଛି, ଗାଟ୍(ଜେନେରାଲ୍ ଏଗ୍ରିମେଣ୍ଟ ଅନ୍ ଟାରିଫ୍ ଆଣ୍ଡ ଟ୍ରେଡ୍) ଯୋଗୁଁ ଦୀର୍ଘଦିନ ଧରି ଆମେରିକୀୟ ଉତ୍ପାଦ ଓ ଉତ୍ପାଦକ ବିଶ୍ୱବଜାରରେ ଅନ୍ୟାୟର ଶିକାର ହେଉଛନ୍ତି। ଆମେରିକାର କୋହଳ ଟାରିଫ୍ ନୀତିର ଫାଇଦା ନେଇ ବିକାଶଶୀଳ ରାଷ୍ଟ୍ରମାନେ ଶସ୍ତାରେ ଆମେରିକାକୁ ରପ୍ତାନୀ କରୁଛନ୍ତି; ଅଥଚ ଆମେରିକୀୟ ଉତ୍ପାଦ ଉପରେ ଚଢ଼ା ଦରରେ ଆମଦାନୀ ଶୁଳ୍କ ଲାଗୁ କରି ନିଜ ଦେଶରେ ମହଙ୍ଗା କରିଦେଉଛନ୍ତି। ଏହାଦ୍ୱାରା ଆମେରିକୀୟ ବାଣିଜ୍ୟ ଗୁରୁତର ପ୍ରଭାବିତ ହେଉଛି। ଉଦାହରଣ ସ୍ୱରୂପ ଚୀନ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ୧ ଲକ୍ଷ କୋଟି ଡଲାର ଥିବା ବେଳେ ଆମେରିକା ସହିତ ଚୀନ୍‌ର ବାଣିଜ୍ୟ ବଳକା ୧ ଲକ୍ଷ କୋଟି ଡଲାର। ଏଣୁ ଆସନ୍ତା ଏପ୍ରିଲ୍ ମାସରୁ ଆମେରିକା ମଧ୍ୟ ଯେସାକୁ ତେସା ନୀତି ଗ୍ରହଣ କରି ଯେଉଁ ଦେଶ ଆମେରିକୀୟ ଉତ୍ପାଦ ଉପରେ ଯେତିକି ଆମଦାନୀ ଶୁଳ୍କ ଲାଗୁ କରିବ ସେହି ଦେଶର ଉତ୍ପାଦ ଉପରେ ସମାନ କିମ୍ବା ତା'ଠାରୁ ଅଧିକ ଆମଦାନୀ ଶୁଳ୍କ ଲାଗୁ କରିବ। ଯେଉଁ ଦେଶ ନିଜ ବଜାରକୁ ଆମେରିକୀୟ ଉତ୍ପାଦ ପାଇଁ ଉନ୍ମୁକ୍ତ କରିବ ସେହି ଦେଶ ପ୍ରତି ଆମେରିକାର ଟାରିଫ୍ ନୀତି ନମନୀୟ ହେବ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ କାଳରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ 'ମାଗା' ନୀତି ଘୋଷଣା କରିଥିବା ବେଳେ ପରବର୍ତ୍ତୀ ଏକ ସାକ୍ଷାତକାରରେ ମଧ୍ୟ ତାଙ୍କ ସଂକଳ୍ପରେ ଦୃଢ଼ ଥିବା ଦୋହରାଇଛନ୍ତି। ଜଗତୀକରଣ ସହିତ ଜନ୍ମ ନେଇଥିବା ମୁକ୍ତ ବାଣିଜ୍ୟ ରାଜିନାମା ତତ୍ତ୍ୱ ଏବେ ଯୁଦ୍ଧମୁଖୀ ଓ ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାର ଅର୍ଥନୀତିରେ ପ୍ରାସଙ୍ଗିକତା ହରାଉଛି ଏବଂ ସାମ୍ପ୍ରତିକ ଭୂରାଜନୀତିରେ ଶ୍ରେଷ୍ଠତ୍ୱ ପ୍ରତିପାଦନରେ ଟାରିଫ ବା ଶୁଳ୍କ ଏକ ପ୍ରଭାବଶାଳୀ ଅସ୍ତ୍ର ହୋଇଛି। ତେଣୁ ଯେଉଁ ଦେଶ ନିଜକୁ ସୁହାଇବା ଭଳି ଟାରିଫ ନୀତି(ଆମଦାନୀ ଶୁଳ୍କ ବୃଦ୍ଧି ଓ ରପ୍ତାନୀ ଶୁଳ୍କ ହ୍ରାସ)ଜରିଆରେ ନିଜ ଦେଶର ଉତ୍ପାଦକୁ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସୁରକ୍ଷା ଦେଇପାରିବ ଏବଂ ପ୍ରତିଯୋଗୀକ୍ଷମ କରାଇ ପାରିବ ସେହି ଦେଶ ହିଁ ଅଗ୍ରଣୀ ମାନ୍ୟତା ପାଇବ। ଏହିକ୍ରମରେ ଟ୍ରମ୍ପଙ୍କ 'ମାଗା' ନୀତିକୁ ଟକ୍କର ଦେବା ଭଳି ଆମେରିକାରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମେକ୍ ଇଣ୍ଡିଆ ଗ୍ରେଟ୍ ଏଗେନ୍(ମିଗା)' ନୀତି ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ଭାବନା ଓ ଜାତୀୟତା ମୂଲ୍ୟବୋଧ ଦୃଷ୍ଟିକୋଣରୁ 'ମିଗା' ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ନିଶ୍ଚୟ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ 'ମାଗା'କୁ ଯେ 'ମିଗା' ଟକ୍କର ଦେଇପାରିବ ସେ ସମ୍ଭାବନା ଅନେକ ଦୃଷ୍ଟିରୁ କ୍ଷୀଣ ଲାଗୁଛି। ଭାରତ-ଆମେରିକା ସଦ୍ୟତମ ଦ୍ୱିପାକ୍ଷିକ ଚୁକ୍ତିନାମା ଉପରେ କ୍ଷୀଣ ଦୃଷ୍ଟି ପକାଇଲେ ମଧ୍ୟ 'ମାଗା' ଆଗରେ 'ମିଗା'ର ବିବଶତା ବାରି ହୋଇପଡୁଛି। ଦ୍ୱିପାକ୍ଷିକ ଆଲୋଚନା ବେଳେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକା କେବଳ ଭାରତର ମେଧାବୀ ଆଇଟି ମାନବ ସମ୍ବଳକୁ ନିଜ ଦେଶରେ କାମ କରିବାର ସୁଯୋଗ ଦେବ; କିନ୍ତୁ ବହିରାଗତଙ୍କ ଭିସା କଟକଣାକୁ କୌଣସିମତେ କୋହଳ କରାଯିବାର ପ୍ରଶ୍ନ ଉଠୁନାହିଁ। ଏବେ କୃତ୍ରିମ ବୁଦ୍ଧିମତ୍ତା ଅପରପକ୍ଷରେ ଯଦି ଭାରତର ଆଇଟି ମେଧା ସମ୍ବଳକୁ ଅଧିକ ବେତନ ଦେଇ ଆମେରିକା ହାସଲ କରିନେବ ତେବେ ସ୍ୱାଭାବିକ ଭାବରେ ଏଆଇ ପ୍ରତିଯୋଗିତାରେ 'ମାଗା' ଆଗରେ 'ମିଗା' ଫିକା ପଡ଼ିଯିବ। ସମ୍ପ୍ରତି ଭାରତ ପ୍ରତିରକ୍ଷା ଓ ଇନ୍ଧନ ଚାହିଦା ପୂରଣ ପାଇଁ ପାରମ୍ପରିକ ବନ୍ଧୁ ରୁଷ ଉପରେ ନିର୍ଭରଶୀଳ ଥିବା ବେଳେ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ ନ କରିବା ପାଇଁ ନରେନ୍ଦ୍ର ମୋଦୀ ସଦ୍ୟତମ ଚୁକ୍ତି ଅନୁଯାୟୀ ଆମେରିକା ପାଇଁ ଭାରତୀୟ ପ୍ରତିରକ୍ଷା ଓ ଇନ୍ଧନ ବଜାର ଉନ୍ମୁକ୍ତ କରିବାକୁ ଯାଉଛନ୍ତି। ଏବେ ଆମେରିକା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୩୫୦୦ କୋଟି ଡଲାର ଥିବା ବେଳେ ଆମେରିକୀୟ ଇନ୍ଧନ ଆମଦାନୀ ବଢ଼ିଲେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆହୁରି ଦୁର୍ବଳ ହେବ। ଅପରପକ୍ଷରେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀକୁ ପ୍ରତିଯୋଗୀକ୍ଷମ କରିବା ପାଇଁ ଭାରତ ଯଦି ରପ୍ତାନୀକାରୀଙ୍କୁ ଅଧିକ ପ୍ରୋତ୍ସାହନ କିମ୍ବା ଆର୍ଥିକ ସହାୟତା ଯୋଗାଇଦିଏ ତେବେ ଟ୍ରମ୍ପଙ୍କ ଘୋଷଣା ଅନୁଯାୟୀ ଭାରତୀୟ ଉତ୍ପାଦ ଉପରେ ଆହୁରି ଅଧିକ ଟାରିଫ୍ ଲାଗୁ ହେବ। ଏହାଦ୍ୱାରା ଭାରତର ଘରୋଇ ଉତ୍ପାଦକ ତ କ୍ଷତିଗ୍ରସ୍ତ ହେବେ ଦେଶର ରାଜକୋଷ ଉପରେ ମଧ୍ୟ ବୋଝ ବଢ଼ିବ। ଏହାଛଡ଼ା ଚୀନର 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍'କୁ ପ୍ରତିହତ କରିବା ଲାଗି ଆମେରିକା ପରିକଳ୍ପିତ ଆଇଏମ୍‌ଇଇସି(ଇଣ୍ଡିଆ ମିଡିଲ୍ ଇଷ୍ଟ ୟୁରୋପ ଇକୋନୋମିକ୍ କରିଡର)ରେ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଦଖଲ ନୀତି ପ୍ରଚ୍ଛନ୍ନ ଥିବାରୁ ଭାରତର ଚବାହାର ବନ୍ଦର ପ୍ରତିଷ୍ଠା ଲକ୍ଷ୍ୟ ପରାହତ ହେବ ଏବଂ ଚୀନ୍ ତୁଳନାରେ ଭାରତର କ୍ଷତି ସହିବ। ଏଭଳି ପରିସ୍ଥିତିରେ ଭାରତୀୟ ଶିଳ୍ପଭିତ୍ତିକ ରପ୍ତାନୀ ବାଣିଜ୍ୟର 'ମିଗା' ଲକ୍ଷ୍ୟ ସଫଳ ହେବ କେମିତି ? ବିଶେଷକରି 'ମାଗା'ରେ ଭାରତୀୟ କୃଷି ଓ କୃଷକ ସର୍ବାଧିକ କ୍ଷତିଗ୍ରସ୍ତ ହେବ।

# କୁମ୍ଭମେଳା : ପୂଣ୍ୟ ଘାଟର କଥା

**ତ୍ରିନାଥ ଓଝା**



ପ୍ରୟାଗରାଜ କୁମ୍ଭମେଳାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ଥ, ମୁନୀଋଷି, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏପରିକି ଅନ୍ୟ ଧର୍ମାବଲମ୍ବୀମାନେ ଏହି ଶାହୀ ସ୍ନାନ ବା ଅମୃତ ସ୍ନାନ ପାଇଁ ଆଗମନ କରୁଛନ୍ତି। ଖବରକାଗଜରେ ପ୍ରକାଶିତ ହୋଇଥିବା ଖବର ମୁତାବକ ଚଳିତ ବର୍ଷ ପ୍ରୟାଗରାଜରେ ୫୦ଟି ଘାଟ ପ୍ରସ୍ତୁତ ହୋଇଛି। ତେବେ ଅନେକଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ ଯେ ଏହି ଘାଟ ଗୁଡ଼ିକ ସବୁ କେଉଁଠି ଏବଂ ଏହାର ପରିପାର୍ଶ୍ୱିକ ଘଟଣାବଳୀ କ'ଣ ସବୁ ରହିଛି।

ପ୍ରୟାଗରାଜର ସମସ୍ତ ଘାଟ ମଧ୍ୟରେ ନିଜସ୍ୱ ଓ ସ୍ୱତନ୍ତ୍ର ସ୍ଥାନରେ ରହିଛି ଦଶାଶ୍ୱମେଧ ଘାଟ। ଏହା ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ବୋଲି ସୋସିଆଲ ମିଡ଼ିଆ ସାଇଟ କୁମ୍ଭ.ଇନରେ ପ୍ରକାଶିତ ହୋଇଛି। ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ଦଶାଶ୍ୱମେଧର ଅର୍ଥର କ'ଣ ? ଏହାର ଅର୍ଥ ହେଉଛି ଦଶ ଅଶ୍ୱମେଧ ଯଜ୍ଞପରି। ପୌରାଣିକ ବିଶ୍ୱାସ ଓ ବର୍ଷ ବର୍ଷର ଲୋକକଥା ଅନୁଯାୟୀ ଅନେକ ବର୍ଷ ତଳେ ଜଣେ ମହାନ ରାଜା ଏହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ। ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନଙ୍କ ଭିତରେ ବିଶ୍ୱାସ ଭରିରହିଲା ଯେ ଏହି ଘାଟରେ ଦିବ୍ୟ ସ୍ନାନ କରିବା ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ ଏବଂ ଜଣେ ଦିବ୍ୟଶକ୍ତିର ଅଧିକାରୀ ହୋଇଥାଏ।

ପ୍ରୟାଗରାଜର ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ଓ ମର୍ଯ୍ୟାଦାବନ୍ତ ଘାଟ ଭିତରେ ସରସ୍ୱତୀ ଘାଟର ସ୍ୱତନ୍ତ୍ରତା ରହିଛି। ଲୋକ ବିଶ୍ୱାସ ଓ ପୁରାଣର କଥାବସ୍ତୁକୁ ଦେଖିଲେ ଜଣାଯାଏ ଯେ ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ପବିତ୍ର ସରସ୍ୱତୀ ନଦୀର ମୂଳ ଉତ୍ସ ଏହି ଠାରେ ହିଁ ଥିଲା। ପବିତ୍ର କୁମ୍ଭମେଳା ଅବସରରେ ଏହି ଘାଟରେ ସ୍ନାନ କରିବା ପାଇଁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ଆଗ୍ରହ ଓ ଶ୍ରଦ୍ଧା ରହିଥାଏ। ଏହି ଘାଟର ବିଶେଷତ୍ୱ ହେଉଛି ଏଠାରେ ଅତି ବ୍ୟବସ୍ଥିତ ଓ ସୁନ୍ଦର ଭାବରେ ପାହାଚ ଗୁଡ଼ିକ ରହିଛି ଯେଉଁଠାରେ ଲୋକମାନେ ପୂଜା ନୈବେଦ୍ୟ ସମର୍ପଣ କରିବା ସହ ଏହା ତୀର୍ଥଯାତ୍ରୀ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅର୍ଘ୍ୟ ଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ।

ପ୍ରୟାଗରାଜର ଅନ୍ୟତମ ଐତିହ୍ୟସମ୍ପନ୍ନ ଘାଟ ହେଉଛି କିଲ୍ଲା ଘାଟ। ତେବେ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରୟାଗରାଜରେ କିଲ୍ଲା ଶବ୍ଦର ଉଦ୍ଭବ କେଉଁଠୁ ହେଲା ? ଐତିହାସିକ ଆକବର କିଲ୍ଲାର ସନ୍ନିକଟ ସ୍ଥଳରେ ଏହି ଘାଟଟି ଥିବାରୁ ଏହାର ନାମକରଣ କିଲ୍ଲା ଘାଟ ହୋଇଛି। ତେବେ ଏହି ଘାଟକୁ ଆସୁଥିବା ଲୋକମାନଙ୍କର ଆକର୍ଷଣର ପ୍ରମୁଖ କାରଣ ହେଉଛି ଏଠାରେ ଯୋଗ ପ୍ରାଣାୟମ ଓ ଧ୍ୟାନ କରି ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ଓ ଆନନ୍ଦମୟ ସ୍ଥାନ ରହିଛି। ସନାତନ, ହିନ୍ଦୁ ସଂସ୍କୃତି ଓ ଈଶ୍ୱର ଚେତନା ପ୍ରତି ଗଭୀର ବିଶ୍ୱାସୀମାନେ ଏହି ଶାନ୍ତିପୂର୍ଣ୍ଣ ସ୍ଥାନରେ କିଛି ସମୟ ଅତିବାହିତ କରି ନିଜକୁ କର୍ମମୟ ସଂସାର ଜୀବନ ଠାରୁ ଦୂରେଇ ଶାନ୍ତି ପାଇବା ପାଇଁ ଚେଷ୍ଟିତ ହୋଇଥାନ୍ତି। ଏହି ଘାଟରେ ପ୍ରାୟତଃ ବର୍ଷ ତମାମ ନିୟମିତ ଗହଳି ଓ ଭିଡ଼ ପରିଲକ୍ଷିତ ହୋଇଥାଏ।

ପ୍ରୟାଗରାଜର ମହାକୁମ୍ଭ ସମୟରେ ରସୁଲାବାଦ ଘାଟ ଅନେକଙ୍କ ପାଇଁ ଏକ ସ୍ମରଣୀୟ ଓ ପବିତ୍ରତମ ଘାଟ ଭାବେ ପରିଚିତ। ତେବେ ଏହି ଘାଟର ଗୁରୁତ୍ୱ ଅନ୍ୟ ସାଧାରଣ ଦିନ ଠାରୁ କୁମ୍ଭମେଳା ସମୟରେ ଅଧିକ ପ୍ରତୀୟମାନ ହୋଇଥାଏ। ବର୍ଷ ତମାମ ଏହି ଘାଟଟି ଶ୍ରାଦ୍ଧ, ସମର୍ପିତ ପିଣ୍ଡଦାନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରସିଦ୍ଧ ଓ ମନ ପସନ୍ଦର ଘାଟ। ଏଠାରେ ନିଜ ପୂର୍ବଜଙ୍କୁ ଭକ୍ତି ସମର୍ପଣ ପୂର୍ବକ ଅର୍ଘ୍ୟ ଓ ପିଣ୍ଡଦାନ କରି ଆତ୍ମ ବିଶ୍ୱାସର ସହିତ ଶ୍ରଦ୍ଧାଳୁମାନେ ଘରକୁ ଫେରିଥାନ୍ତି। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶାନ୍ତି ବିରାଜମାନ ହେଉଥାଏ କାରଣ ଏଠାରେ ଅଧିକ ଗହଳି ଚହଳି ସେପରି ଦେଖାଦେଇନଥାଏ।

ଆସ୍ଥା ଓ ବିଶ୍ୱାସର ପବିତ୍ର ମହାକୁମ୍ଭରେ ଜ୍ଞାନଗଙ୍ଗା ଘାଟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସାଧାରଣତଃ ପ୍ରଶ୍ନଟି ଉଠେ ଯେ ଜ୍ଞାନଗଙ୍ଗା ଶବ୍ଦ ମାନେ କ'ଣ ? ଯେଉଁଠି ଜ୍ଞାନର ଗଙ୍ଗା ସ୍ରୋତସ୍ୱିନୀ ପରି ଚିରପ୍ରବାହିତ ସେଇ ଘାଟକୁ ହିଁ ଜ୍ଞାନଗଙ୍ଗା ଘାଟ କୁହାଯାଏ। ବର୍ଷ ବର୍ଷର ବିଶ୍ୱାସ ଉଜ୍ଜୀବିତ ରହିଛି ଯେ ଏହି ଘାଟକୁ ମୋକ୍ଷ ପ୍ରାପ୍ତିର ଦିବ୍ୟ ଘାଟ ଭାବେ ବିଶ୍ୱାସ କରାଯାଏ। ଦିନ ଥିଲା ଏହି ଘାଟରେ ଆମ ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ନମସ୍ୟ ଉପାସକ ମୁନୀ, ଋଷି, ସିଦ୍ଧ ସାଧକମାନେ ବର୍ଷ ବର୍ଷ ଧରି କଠୋର ତପସ୍ୟା ସାଧନ କରି ଜ୍ଞାନପ୍ରାପ୍ତି ହୋଇଥିଲେ। ପ୍ରୟାଗରାଜରେ ଯେ କେହି ଆଗମନ କରୁଥିଲେ ଜ୍ଞାନଗଙ୍ଗା ଘାଟକୁ ନିଶ୍ଚିନ୍ତ ଭାବରେ ଥରେ ଆସି ଏଠାରେ କିଛି ସମୟ ଅତିବାହିତ କରିବା ପାଇଁ ସଂକଳ୍ପ ରଖିଥାନ୍ତି।

ପ୍ରୟାଗରାଜର ଅନ୍ୟତମ ଚଳ ଚଞ୍ଚଳ ଓ ବ୍ୟସ୍ତପୂର୍ଣ୍ଣ ତଥା ସବୁବେଳେ ଲୋକବାକ ଭରି ରହିଥିବା ଘାଟଟି ହେଉଛି ନୌକାଯାନ ଘାଟ। ଏହି ଘାଟର ନାମଟି ନୌକାଯାନ ଶବ୍ଦରୁ ରହିଥିବାରୁ ଏହା ବାସ୍ତବିକ ନୌକା ବିହାର ଓ ବିଭିନ୍ନ ପ୍ରକାର ବୋଟିଂ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଏକ ପ୍ରକାର ଭିଡ଼ି ଆଣିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଘାଟରୁ ପ୍ରାୟତଃ ତମାମ ତ୍ରିବେଣୀ ସଙ୍ଗମ ବା ପ୍ରୟାଗରାଜର ସମସ୍ତ ଦୃଶ୍ୟ ଅନେକ ଦୂରରୁ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରିଥାଏ। ଯାହାପାଇଁ ଏହି ଘାଟଟି ସବୁବେଳେ ଚଳଚଞ୍ଚଳ ରହିଥାଏ। ଆପଣ କୁମ୍ଭମେଳାକୁ ଆସୁଥିଲେ ନିଶ୍ଚିନ୍ତ ଭାବରେ ଏହି ଘାଟ ମାନଙ୍କର ଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରି ଆଧ୍ୟାତ୍ମିକ ଶାନ୍ତି ପାଇପାରିବେ।

ଆବାହକ, ଚମ୍ପାନାରାୟଣ
ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର
ଗଡ଼ା, କଟକ,
ମୋ:୯୨୩୮୬୦୨୮୨୫



# ଇକୋମାର୍କ କ'ଣ ? କାହିଁକି ଜରୁରୀ ?

**ଡକ୍ଟର ତପନ କୁମାର ପାଲ**



> ପରିବେଶ ଉପରେ ଅପେକ୍ଷାକୃତ କମ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥା ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ସ୍ୱଳ୍ପ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଛଡ଼ା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍‌ରୁ ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ।

ରାତି ପାହିଲେ ଆମେ ବଜାରକୁ ଯାଉଛୁ। ଖାଇବା ଜିନିଷ ଠାରୁ ପନିପରିବା, ଠାକୁର ପୂଜା ସାମଗ୍ରୀ ଠାରୁ କପଡ଼ା ପତ୍ର, ପାଣି ବଟଲ ହେଉ ବା ହେଲମେଟ ଯେ କୌଣସି ଜିନିଷ ଆମେ କିଣୁ ଆମକୁ କେବଳ ଏହାର ବାହ୍ୟ ଚାକଚକ୍ୟ କ୍ଷେତ୍ରଟି ଆକର୍ଷିତ କରିଥାଏ। କିନ୍ତୁ ଏହା ଅସଲ କି ନିକଲି ? ଏଥିରେ ବିଶୁଦ୍ଧତା ଓ ନିରାପତ୍ତା ଜିନିଷ ସବୁ ଠିକ ରହିଛି କି ନାହିଁ ଆମେ ସେ ସମ୍ପର୍କରେ ପ୍ରାୟତଃ ଜାଣିବାକୁ ସେପରି ଇଚ୍ଛା କରିନଥାଉ। ଆମ ନିତିଦିନିଆ ଜୀବନରେ ଅନେକ ଲୋକ ଏହି କାରଣରୁ ଠକି ହୋଇଥିବା ଘଟଣା ଆମେ ଶୁଣିବାକୁ ପାଇଥାଉ। ଆମ୍ଭମାନଙ୍କର ସାମାନ୍ୟ ସଚେତନତା ଅଭାବରୁ ଆମେ ଠକି ହେବା ସାର ହୋଇଥାଏ। ଆମେ କିଣୁଥିବା ଉତ୍ପାଦର ଗୁଣମାନ ନେଇ ନିଶ୍ଚିତ ହେବାକୁ ସେଥିରେ ଆଇଏସଆଇ ମାର୍କ ବା ଚିହ୍ନ ଅଛି ନା ନାହିଁ ପରଖୁ। ଠିକ ସେମିତି ଆଜିକାଲି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଉତ୍ପାଦଟି କେତେ ଷ୍ଟାର ମାନ୍ୟତା ପାଇଛି ତାହା ଦେଖିବାକୁ ଭୁଲୁ ନାହୁଁ। ବର୍ତ୍ତମାନ ଉତ୍ପାଦ ଖରିଦ କରିବା ବେଳେ ଖାଉଟି ମାନଙ୍କୁ ଦେଖିବାକୁ ପଡ଼ିବ କି ତାହା ପରିବେଶ ଅନୁକୂଳ କି ନୁହେଁ। ଆଉ ଏହା ସୂଚାଇ ଦେବ ଇକୋଲେବଲ ବା ଇକୋମାର୍କ। ପ୍ରସ୍ତୁତିରୁ ଅଚଳ ବା ନଷ୍ଟ ହେବା ପର୍ଯ୍ୟନ୍ତ ପରିବେଶ ଉପରେ ଅତି କମ କୁପ୍ରଭାବ ପକାଉଥିବା ଯେ କୌଣସି ସାମଗ୍ରୀ ବା ଉତ୍ପାଦ ଚିହ୍ନଟ କରିବା ଲାଗି ଇକୋମାର୍କ ମଞ୍ଜୁର କରାଯାଇଥାଏ।

ଅନ୍ୟାନ୍ୟ ଦେଶର ସରକାରଙ୍କ ଭଳି ପରିବେଶର କ୍ଷତି କରୁ ନଥିବା ସାମଗ୍ରୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାର ମଧ୍ୟ ଖାଦ୍ୟ, ପ୍ରସାଧନ, ସାବୁନ, ଡିଟରଜେଣ୍ଟ ଓ ରଙ୍ଗ ଆଦି ଉତ୍ପାଦରେ ଇକୋମାର୍କ ଲେବୁଲ ଲଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ବିସ୍ତାରିତ ନିୟମାବଳୀ (ଇକୋ ମାର୍କ ରୁଲସ୍ ୨୦୨୫) ପ୍ରକାଶ କରିଛି। ଉତ୍ପାଦ ଉପରେ ଇକୋମାର୍କ ସଙ୍କେତ ରହିଲେ ଖାଉଟି କିଣୁଥିବା ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ପାଇ ପାରିବେ। ସରକାରୀ ଭାବେ ଇକୋ ମାର୍କ ରୁଲସ ଭଙ୍ଗକାରୀଙ୍କ ବିରୁଦ୍ଧରେ ବ୍ୟାପକ ଓ କଠୋର କଡ଼ା ଆଇନର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୦୨୧ରେ ସୁପ୍ରିମକୋର୍ଟଙ୍କ ଏକ ଚାରିଜଣିଆ ଡିଭିଜନ ବେଞ୍ଚ ଏ ପ୍ରସଙ୍ଗରେ ଇକୋ ମାର୍କର ସାଧୁତା, ସ୍ପଷ୍ଟତା ସମ୍ପର୍କରେ ଖାଉଟି ମାନଙ୍କୁ ବ୍ୟାପକ ଭାବେ ତଥ୍ୟ ଭିତ୍ତିକ ସୂଚନା ଦେବା ସମ୍ପର୍କରେ ବ୍ୟାପକ ନିର୍ଦ୍ଦେଶାବଳୀ ଜାହିର କରିଥିଲେ।

ପରିବେଶ ଉପରେ ଅପେକ୍ଷାକୃତ କମ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥା ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ସ୍ୱଳ୍ପ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଛଡ଼ା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍‌ରୁ ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ। ଇକୋମାର୍କ ମଞ୍ଜୁରି ହାସଲ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟ ସାମଗ୍ରୀ ଯଥାସମ୍ଭବ କମ ବା ହଟାଇବା ସହିତ ଏହି ଉତ୍ପାଦ ବାଷ୍ପ ଉତ୍ତାପ ଓ ଆଲୋକ ଇତ୍ୟାଦି ନିର୍ଗମନ ନକରି ପ୍ରଦୂଷଣ ହ୍ରାସ କରୁଥିବ। ଏହି ଉତ୍ପାଦ ପୁନଃ ବ୍ୟବହାର ଉପଯୋଗୀ ହୋଇପାରୁଥିବ ଅଥବା ପୁନଃବ୍ୟବହାର ଉପଯୋଗୀ ସାମଗ୍ରୀରୁ ନିର୍ମିତ ହୋଇଥିବ। ସେହିପରି ଏ ଉତ୍ପାଦ ଅଣ-ଅକ୍ଷୟଶକ୍ତି ସମ୍ବଳ ଓ ପ୍ରାକୃତିକ ସମ୍ବଳ ସମେତ ଅଣ-ଅକ୍ଷୟ ସମ୍ବଳ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବା ଏହା ମଧ୍ୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ସାମଗ୍ରୀ ବ୍ୟବହାର ହ୍ରାସ କରାଉଥିବ। ଏହା ବ୍ୟତିରେକ, ଉତ୍ପାଦନ ପ୍ରକ୍ରିୟା, ପ୍ରାକୃତିକ ସମ୍ବଳ ବ୍ୟବହାର, ପରିବେଶୀୟ ପ୍ରଭାବ, ବର୍ଜ୍ୟ ନିର୍ଗମନ, ଉତ୍ପାଦ ବିନଷ୍ଟ ଓ ପ୍ୟାକେଜିଙ୍ଗ ଆଦି କଥା ବି ବିଚାରକୁ ନିଆଯିବ। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ଼ ଜରିଆରେ କମ୍ପାନୀମାନେ ଇକୋମାର୍କ ପାଇଁ ଆବେଦନ କରିପାରିବେ। ଦରଖାସ୍ତ ପାଇବା ପରେ ବୋର୍ଡ଼ ନିଜେ ବା କାହାଦ୍ୱାରା ଉତ୍ପାଦ ଯାଞ୍ଚ କରାଇବ। ସବୁ ଠିକଠାକ ଥିଲେ ଇକୋମାର୍କ ମିଳିବ ଏବଂ ତାହା ତିନି ବର୍ଷ ପାଇଁ ବୈଧ ରହିବ।

ଇକୋମାର୍କ ମଞ୍ଜୁରି ପାଇଁ ରଙ୍ଗ, ପ୍ରସାଧାନ, ସାମଗ୍ରୀ, ବ୍ୟାଟେରି, ଖାଇବା ତେଲ, ଚା, କଫି, ଡିଟରଜେଣ୍ଟ ଓ କାଗଜ ସମେତ ୧୭ଟି ବର୍ଗର ଉତ୍ପାଦ ନିମନ୍ତେ ଯୋଗ୍ୟତା ନିରୂପଣ କରାଯାଇଛି। ସେଗୁଡ଼ିକ ହେଉଛି ଦେହଲଗା ପାଉଡର, ଦାନ୍ତଘଷା ପାଉଡର ଓ ପେଷ୍ଟ, ସ୍କିନ କ୍ରିମ, କେଶତୈଳ, ସାମ୍ପୁ, ଗାଧୁଆ ସାବୁନ, ହେୟାର କ୍ରିମ, ନେଲ ପଲିସ, ଆଫଟରସେଭ ଲୋସନ, ସେଭିଙ୍ଗ କ୍ରିମ, କସମେଟିକ ପେନସିଲ, ଲିପଷ୍ଟିକ ଭଳି ପ୍ରସାଧନ ସାମଗ୍ରୀ। ସେହିପରି, ଟେଲିଭିଜନ, ଫ୍ରିଜ, ଫୁଡ ମିକ୍ସର, ଗିଜର, ଇଲେକ୍ଟ୍ରିକାଲ/ଷ୍ଟିମ ଆଇରନ, ଟୋଷ୍ଟର, କୁଲର ଓ ବୟନ ଉତ୍ପାଦ ବା ବସ୍ତ୍ର ଆଦି ଉତ୍ପାଦ ପାଇଁ ବି ଇକୋମାର୍କ ମଞ୍ଜୁର କରାଯାଉଛି। ମୂଳକଥା ହେଉଛି ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଉତ୍ପାଦ ସାମଗ୍ରୀଟି କେତେ ମାତ୍ରାରେ ସୁରକ୍ଷିତ ଏବଂ ଏହାର କ୍ୱାଲିଟି ବା ଗୁଣବତ୍ତା ସମ୍ପର୍କରେ ବିଶେଷ ଭାବେ ସୂଚୀତ ହୋଇଥାଏ। ବଜାରରେ ଅନେକ ସାମଗ୍ରୀ ବିନା ଇକୋମାର୍କ ଦ୍ୱାରା ବିକ୍ରି ଅର୍ଥ ଏହା ପ୍ରଥମତଃ ଅପମିଶ୍ରଣର ସମ୍ଭାବନା ଏବଂ ଦ୍ୱିତୀୟତଃ ବଜାର ଜାଲିଆତି ସହ ଏମାନେ ଆୟକର ବିଭାଗ ଓ ସରକାରୀ ବ୍ୟବସ୍ଥା ଠାରୁ ଦୂରେଇ ଏକ ପ୍ରକାର ଗୋପନୀୟ କାରବାର କରିଥାନ୍ତି। ତେଣୁ ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଖାଉଟି ସୁରକ୍ଷିତ ରହିବା ସହିତ ସରକାରଙ୍କ ଦୃଷ୍ଟି ଏହି ବ୍ୟବସ୍ଥା ଉପରେ ରହିଥାଏ। ଯାହାଦ୍ୱାରା ଯେ କେହି ବଜାରରେ ମିଳୁଥିବା ଯେ କୌଣସି ସାମଗ୍ରୀ ଉପରେ ସମ୍ଭବତଃ ନିରାପତ୍ତା ଓ ଗୁଣବତ୍ତା ପାଇଥାନ୍ତି।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ




## ବସନ୍ତ ଆସିଛି

**ହରେରାମ ପଣ୍ଡା**



ଅନ୍ତ ମାଘମାସ, ବସନ୍ତ ପ୍ରବେଶ
ମିଠା ମିଠା ଲାଗେ ଫଗୁଣ,
ବନେ ଉପବନେ ଫୁଲର ମହକ
ଶୁଭେ ମଧୁପର ଗୁଞ୍ଜନ ।

ଆମ୍ବ ବଉଳର ବହଳ ବାସନା
କୋକିଳର କୁହୁ ଶୁଭୁଛି,
ଘର ଅଗଣାରେ ଗଛ ଉହାଡରେ
ଜହ୍ନ ଖିଲି ଖିଲି ହସୁଛି ।

ଫୁଲେଇ ଫଗୁଣ ବୋଲିଦିଏ ଫଗୁ
ଆଣିଦିଏ ନୂଆ ସପନ,
ରଙ୍ଗେ ବୋଳାବୋଳି ହୃଦେ
କୋଳାକୋଳି
ପୀରତିରେ ମନ ମଗନ ।

ରସିକ ଶେଖର ଶ୍ରୀରାଧା ମାଧବ
ଝୁଲିଝୁଲି ଦେଖ ଆସନ୍ତି,
ଭକତ ମେଳରେ ନାନା ରଙ୍ଗେ ମାତି
କି ଅପୂର୍ବ ଲୀଳା ରଚନ୍ତି ।

ରଙ୍ଗ ଲାଗେ ନୂଆ, ପବନ ବି ନୂଆ
ଜହ୍ନ ନୂଆ ନୂଆ ଦିଶୁଛି,
ଋତୁରାଣୀ ବସନ୍ତର ଆଗମନେ
ଧରଣୀ ଯେମିତି ହସୁଛି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ ,
ଯାଜପୁର ।
ମୋ : ୯୪୩୮୦୬୫୧୯୫

## ତୁମକୁ ଦେଖିଲା ପରେ...

**ନୂତନ କୁମାର ବେହେରା**



ଥିଲି ମୁଁ ଭାରାକ୍ରାନ୍ତ ଆଶଙ୍କାର ନୈରାଶ୍ୟରେ
ଶୀତଳ ବରଫ ଖଣ୍ଡ ପରି ଜମାଟ ବାନ୍ଧି
ସଂକୁଚିତ ହେଉଥିଲା ମୋ ଇଚ୍ଛା ଲିପ୍ସା ସବୁ
ଚେତନା ହଜାଇ ପାଲଟି ଯାଉଥିଲି
ନିର୍ବାକ୍ ନିସ୍ପନ୍ଦ ନିଶ୍ଚଳର ଏକ ଜଡ଼ ପିଣ୍ଡ

ମୋ ସତ୍ତାର ସତ୍ୟ ନ ଥିଲା ମୋ ଭିତରେ
ସବୁ କିଛି ବଦଳିଗଲା କ୍ଷଣିକରେ
ଭାବନାର ଉତ୍ସରୁ ଝରିଲା ଆଶାର ଝର
ରିକ୍ତ ପ୍ରାଣ ସିକ୍ତ ହୋଇ ସଞ୍ଚାରିତ ହେଲା ରକ୍ତ
ମୋ ବିଶ୍ୱାସ ଫେରି ଆସିଲା ପୁଣି ଥରେ

ଆଖି ପୁରାଇ ତୁମକୁ ଦେଖିଲା ପରେ...
ବରଷା ବରଷୁ ନଥିଲା ବିରହ ବିଘ୍ନର ତାତିରେ

ଦୁର୍ଭାବନା ଦୁଃଚିନ୍ତାର ଭସା ମେଘମାଳା
ଆଚ୍ଛନ୍ନ କରି ରଖିଥିଲା ମୋ ମନ ଆକାଶକୁ
ବିଜୁଳିର ଚମକ ଆଉ ବଜ୍ରପାତରେ
ମୋ କୋମଳ ହୃଦୟ ହେଉଥିଲା ଫାଳ ଫାଳ

ମୁଁ ବଞ୍ଚି ରହି ପାରୁ ନଥିଲି ମୋ ଭିତରେ
ଜୀବନଟା ଲାଗୁଥିଲା ଜଳ ବିନା ମାଛ ପରି
ଛଟପଟ ହେଉଥିଲା ମରୁର ଉତ୍ତପ୍ତ ବାଲୁକାରେ
ମାୟାବିନୀ ମରୀଚିକା ମାରୁଥିଲା ତାର ମାୟାରେ

ପୁନର୍ବାର ମୁଁ ଜୀଇଁ ଉଠିଲି ମୋ ନିଜ ଭିତରେ
ପାଇଲି ଆଶ୍ୱସ୍ତି ତୁମକୁ ଦେଖିଲା ପରେ....
ଅଦ୍ଭୁତ ପରିବର୍ତ୍ତନ ଦେଖିଲି ମୁଁ ତୁମଠାରେ

ତୁମେ ଲାଗୁଥିଲ ଫଗୁଣର ସଜଫୁଟା ଫୁଲଟିଏ
ଝଲସୁଥିଲା ତୁମ ରୂପ ଲାବଣ୍ୟ ମହକ ବିତରି
ସ୍ତବ୍ଧ କରି ମୁଗ୍ଧ କରିଦେଲ ମୋତେ ତୁମେ
ପ୍ରୀତିର ଫଗୁ ରଙ୍ଗେ ଖେଳିଲା ସପନ ତରଙ୍ଗ
ପୁଲକିତ ହେଲା ମୋ ପ୍ରାଣ ତୁମ ପ୍ରେମରେ

ଆକାଂକ୍ଷାର ଆଶ୍ରିତ ଇଚ୍ଛା ସବୁ ହେଲା ବିସ୍ତାରିତ
ଦୁର୍ଗ ଜିଣିଯାଏ ଦୁର୍ବାର ଜୀବନ ସଂଗ୍ରାମରେ
ଏବେ ସୁଗମ ଲାଗେ ଲକ୍ଷ୍ୟର ଚଲାପଥ
ସୁଖ ସାଉଁଟି ସାଇତି ରଖେ ମୁଁ ହାତ ମୁଠାରେ
ମୋ ପ୍ରେମ ସତ ହେଲା ତୁମକୁ ଦେଖିଲା ପରେ...।

କୋହି,ବାରିପଦା,ମୟୂରଭଞ୍ଜ,
ମୋ:- ୮୦୧୮୩୫୩୩୨୨







## କବିତା
ତୁମ ପାଇଁ

### ବାଇ ଚଢ଼େଇ
ରତ୍ନକାନ୍ତି ମିଶ୍ର

ଆହା କେଡ଼େ ମନୋହର
ଟିକି ବାଇ ଚଢ଼େଇ,
ଟିକି ଟିକି ଡେଣା ଝାଡ଼ି
ଆକାଶରେ ଉଡ଼ଇ ।।

କିଚିରି ମିଚିରି ଶବ୍ଦେ
କଥା କହେ ସୁନ୍ଦର,
ଖୋଜି ବୁଲୁଥାଏ ଉଡି
ପୋକଜୋକ ଆହାର ।।

ଟିକ ତା'ର ମଥା ସିନା
ବୁଦ୍ଧି ଅତି ପ୍ରଖର ,
ତାଳ ବାହୁଙ୍ଗାରେ ବସା
କରିଥାଏ ତାହାର ।।

ଘାସ କୁଟା କାଠି ଆଣି
ତା'ର ଟିକି ଥଣ୍ଟରେ ,
ବୁଣେ ନିଜେ ସୁନ୍ଦରିଆ
ବସାଟିଏ ଗଛରେ ।।

ଝଡ଼ ଅବା ବରଷାକୁ
ନାହିଁ ଡ଼ର କାରଣ
ବସା ତା'ର ସତେ ଅବା
ପବନରେ ଝୁଲଣ ।।

ସକାଳରୁ ସଞ୍ଜଯାକେ
ଫୁର୍ ଫାର୍ ଉଡଇ
ଆଧାର ଆଣି ଥଣ୍ଟରେ
ଛୁଆ ମୁଖେ ଦିଅଇ ।।

ତାଳ ଘର ନାହିଁ ଏବେ
ତାଳ ଗଛ ଉଭାନ
କୁହ ପିଲେ ଏଇ ପକ୍ଷୀ
ହେବ କିବା ନିଶ୍ଚିହ୍ନ..!!

+ ଆଳି, କେନ୍ଦ୍ରାପଡା

### ମାଟ୍ରିକ ଟିପ୍ସ
ରତିକାନ୍ତ ଜେନା

ଆସରେ ଆସ ଦଶମ ପିଲା
ପୀରୀକ୍ଷା ଦେବା ହସି,
ମନରେ କିଛି ଚିନ୍ତା ନ କରି
ମନକୁ ରଖିବା ଖୁସି...

ଚାପମୁକ୍ତ ହୋଇ ପରୀକ୍ଷା ଦେଲେ
ପରୀକ୍ଷା ହେବ ଭଲ,
ସୁନ୍ଦର ସୁନ୍ଦର ଅକ୍ଷର କରି
ଆଗକୁ ମାଡିଚାଲ....

ଆସିବ ଯାହା ଆଗେ ଲେଖିବା
ପଛକୁ ରଖିବା ବାକି,
ସବୁ ପ୍ରଶ୍ନର ଉତ୍ତର ଦେବା
ସୁନ୍ଦର ଅକ୍ଷର ଲେଖି....

ଛାଡ଼ିବା ନାହିଁ କୌଣସି ପ୍ରଶ୍ନ
ମନରୁ ଉତ୍ତର ଦେବା,
ନବେ ପ୍ରତିଶତ ନମ୍ବର ରଖିବା
ସମସ୍ତେ ହୋଇବେ କାବା...

ବିଦ୍ୟାଳୟର ଏ ଶେଷ ପରୀକ୍ଷାରେ
ରଖିବା ଶିକ୍ଷକ ମାନ,
ଯାହା ଆଶୀର୍ବାଦ ତୁମ ସାଥେ ଅଛି
କରିବା ତାଙ୍କରି ଗାନ...

ଅକ୍ଷର ଲେଖିବା ପଢିହେଲା ଭଳି
ସରସ୍ୱତୀ ହେବେ ସାହା,
ଚତୁରତା ସହ ଉତ୍ତର ଲେଖିବା
ଗଣେଶ କରିବେ ଦୟା...

ବିଲବଳରାମପୁର,
କେନ୍ଦ୍ରାପଡ଼ା,
(ମୋ) ୭୦୭୭୨୮୬୫୮୦

### ମୁଁ ଯେ ସୁନା ସକାଳ ର ଖରା
ଅନନ୍ତ କୁମାର ସେନାପତି

ମୁଁ ଯେ ସୁନା ସକାଳ ର ଖରା
ସହଜେ ନ ଦିଏ ଧରା
ଗଛ, ତରୁ, ଲତା,ପାହାଡ଼,ସାଗର
ହସି ଛୁଇଁ ଥାଏ ସାରା ।

ମୁଁ ଯେ ନିରିମାଖି ଫୁଲ ଟିଏ
ଗଛ ଡାଳେ ଫୁଟି ଝୁଲୁଥାଏ
ଶିଶୁ, ଯୁବା, ବୃଦ୍ଧା,ରୋଗୀ ଙ୍କ ହୃଦରେ
ହସ ଖୁସି ବାଣ୍ଟି ଦିଏ ।

ମୁଁ ଯେ ଅବୁଝା ଝରଣା ଟିଏ
ମାଆର କୋଳରେ ଥାଏ
କ୍ଳାନ୍ତ ପଥିକ ତୃଷାର୍ତ୍ତ ଓଠରେ
ଶୀତଳ ଜଳ ମୋ ଦିଏ ।

ମୁଁ ଯେ ଚଗଲା ଭଅଁର ଟିଏ
ଉଡ଼ି ଫୁଲ ରୁ ଫୁଲ କୁ ଯାଏ
ଗୁଣୁ ଗୁଣୁ ହୋଇ ଗାଉଥାଏ ଗୀତ
ମଧୁର ଆନନ୍ଦ ପାଏ ।

ମୁଁ ଯେ ଆଷାଢ଼ ବରଷା ଧାରା
ମାନେନି ଶୀତ କି ଖରା
ନଦୀ ନାଳ ଭରି ଦୂର ରାଇଜ କୁ
ବହି ବହି ଯାଏ ପରା ।

କେବେ ଅମାନିଆ ଝଡ଼ ହୋଇ
ମାଆ କୋଳରେ ଯାଏ ମୁଁ ଶୋଇ
ଧନ କହି ଥରେ ଗାଲେ ଦେଲେ ବୋକ
ମନ କଥା ଦିଏ କହି ।

ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
(ମୋ) ୭୦୦୮୩୦୪୨୨୫

### ଆମ ଫୁଲ ବଗିଚା
ନିରାକାର ଚଇନି

ଜାତି ଜାତିକା ଫୁଲ ଗଛରେ
ବଗିଚା ଆମ ଶୋହେ
ରଙ୍ଗ ରଙ୍ଗିଆ ଫୁଲ ଗୁଡ଼ିକ
ସବୁରି ମନ ମୋହେ।

ଗେଣ୍ଡୁ ଗୋଲାପ ରଜନୀଗନ୍ଧା
କେତକୀ ଯାଇ ଯୁଇ
ହେନା ମାଳତୀ ଚମ୍ପା ସେବତୀ
ପରାଣ ଯାଏ ଛୁଇଁ।

ବାସନା ତାଙ୍କ କେଡ଼େ ମଧୁର
ଚହଟେ ଦିନ ରାତି
ସେବାଟ ଦେଇ ଯାଏ ଯିଏ ସେ
ପାଏ ବହୁତ ଶାନ୍ତି।

ରାତି ପାହିଲେ ପରଜାପତି
ଭଅଁର ମହୁମାଛି
ଫୁଲରେ ବସି ରସକୁ ଶୋଷି
ଖେଳନ୍ତି ନାଚି ନାଚି।

ସକାଳ ସଞ୍ଜେ ଘରେ ନବସି
ଜେଜେ ଜେଜେମା' ଆମ
ଫୁଲ ଗଛରେ ପାଣି ଢାଳିକି
କରନ୍ତି କେତେ କାମ।

ଫୁଲକୁ ବାପା ବଜାରେ ବିକି
ଟଙ୍କା ଆଣନ୍ତି ବୋହି
ସୁରୁଖୁରୁରେ ଘର ଖରଚ
ଯାଏ ଆମର ହୋଇ।

+ ଶିକ୍ଷକ, ସରକାରୀ ପ୍ରାଥମିକ
ବିଦ୍ୟାଳୟ ସୁବୁଦ୍ଧିସାହି,
ଜଗମୋହନପୁର, ତେଲକୋଇ
କେନ୍ଦୁଝର - ୮୪
ମୋ - ୮୨୪୯୩୮୭୯୭୩

## ସତ୍ୟର ବିଜୟ
ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟିଏ ଗାଁରେ ଶେରସିଂହ ବୋଇଲେ ଚାଷୀଟେ ରହୁଥାଏ । ନାମଟି ବି ଯେମିତି କାମ ବି ସେମିତି । ଖୁବ୍ ବଦରାଗୀ । ହିଂସ୍ରର ସିଂହ ଭଳି ଭୟଙ୍କର ଆଉ ସ୍ୱାଭିମାନୀ । କଥା କଥାକେ ବିଗିଡିଯାଇ ଲଢେଇ କରେ । ଗାଆଁବାଲାଙ୍କ ସହିତ ସିଧାସଳଖ ମୁହାଁମୁହିଁ ପଦେଅଧେ କଥାବାର୍ତ୍ତା ହେଉନଥାଏ । ପୁଣି କାହା ଘରକୁ ଯାଉନଥାଏ କି ବାଟଘାଟରେ କାହାକୁ ହାବୁଡିଲେ ହେଲେ ଜୁହାର ବି ହେଉନଥାଏ । ଗାଆଁର ଚାଷୀପୁଅ ବି ତାଙ୍କୁ ଅହଂକାରୀ ଗର୍ବୀ ବୋଲି ଭାବି କଥା ହେଉନଥାଏ ତା ସହିତ । ଯୋଗକୁ ଦୟାରାମ ନାମକ ଆଉ ଜଣେ ଚାଷୀ କୁଆଡୁ ଉଠିଆସି ସେ ଗାଁରେ ଘର ବନେଇ ରହିବାକୁ ଲାଗିଲା । ସେ ଥିଲା ଖୁବ୍ ଶାନ୍ତଶିଷ୍ଟ ,ସୁଧାର ଆଉ ନିଷ୍କପଟ । ଗାଁବାଲାଙ୍କୁ ଖୁବ୍ ନମ୍ରତାର ସହ କଥାବାର୍ତ୍ତା କରୁଥାଏ । ସମସ୍ତେ ତାକୁ କିଛି ନା କିଛି ସାହାଯ୍ୟ ସହାୟତାର ହାତ ବଢାଉଥାନ୍ତି । ଚାଷୀ ଦୟାରାମ ଗାଁଲୋକଙ୍କୁ ଆଦର ସମ୍ମାନ କରେ ଆଉ ନିଜ କାମଦାମ ଓ ଭଲମନ୍ଦରେ ବି ସେମାନଙ୍କଠୁ ପରାମର୍ଶ ଲୋଡୁଥାଏ ।

ଦିନେ ସେ ଗାଆଁର ମୂଳବାସିନ୍ଦା ସେ ଚାଷୀଟି ଦୟାରାମକୁ କହିଲା -ଭାଇ ଦୟାରାମ, ତୁମେ କେବେ ଶେରସିଂହ ଘରକୁ ଯିବନି ,ତାଠୁ ବହୁ ଦୂରେଇ ରହିବ । ସେ ଖୁବ୍ କଳିହୁଡା । ଦୟାରାମ ଫିକକିନା ହସିଦେଇ କହିଲା -ଶେରସିଂହ ମୋ ସଙ୍ଗେ ଝଗଡା କଲେ ମୁଁ ବି ତାକୁ ଜୀବନରେ ମାରିଦେବି । ଆଉ ଚାଷୀ ଜଣକ ଠୋ ଠୋ ହୋଇ ହସିଲା । କାରଣ ସେ ବେଶ୍ ଭଲ ଭାବରେ ଜାଣିଥିଲା ଦୟାରାମ ଖୁବ୍ ଦୟାଳୁ ଓ ପରୋପକାରୀ । ସେ କାହାକୁ ଜୀବନରେ ମାରିଦେବା ତ ଦୂରର କଥା ,ପଦେ ଗାଳି ବି ଦେଇପାରିବ ନାହିଁ । ହେଲେ ଏ କଥାଟି କେହି ଜଣେ ଶେରସିଂହ କାନରେ ପକାଇଦେଲା । ଶେରସିଂହର ରାଗ ପଂଚମକୁ ଉଠିଗଲା । ସେଦିନ ସେ ରାଗ ତମତମ ହେଇ ଦୟାରାମ ସହିତ କଳିଝଗଡା କରିବାରେ ଲାଗିଲା । ଦୟାରାମ କ୍ଷେତରେ ବଳଦକୁ ଛାଡିଦେଲା । ଜମିର ସୁନାର ଫସଲ ସବୁ ବଳଦଟି ଖାଇ ପକାଇଲା । ହେଲେ ଦୟାରାମ ଚୁପଚାପ କ୍ଷେତକୁ ଆସି ଯେସାକୁ ତେସା ନ୍ୟାୟରେ ତାକୁ ଶକ୍ତ ଧକ୍କାଟିଏ ମାରିଲା । ଶେରସିଂହ କି ସହଜେ ଛାଡେ । ସେ ବି ଦୟାରାମ ବିଲରେ ବହିଯାଉଥିବା ପାଣି ବନ୍ଧକୁ ଭାଙ୍ଗିଦେଲା । ଫଳରେ ପାଣି ସବୁ ଏଣେତେଣେ ବହିବାକୁ ଲାଗିଲା । ଦୟାରାମ ଚୁପଚାପ ଆସି ବିଲରେ ବନ୍ଧ ବାନ୍ଧିଲା । ଏମିତି ଶେରସିଂହ ବାରମ୍ବାର ଦୟାରାମକୁ କ୍ଷତି ପହଁଚାଉଥାଏ । ହେଲେ ଦୟାରାମ ଥରୁଟିଏ ବି ତା ସାଙ୍ଗରେ କଳିଝଗଡା କରିବାକୁ ସୁଯୋଗ ଦେଉନଥାଏ । ଦିନେ କଣ ହେଲା ଦୟାରାମ ତା ସଂପର୍କୀୟଙ୍କ ଘରକୁ ମିଠା ତରଭୁଜ ପଠେଇଲା । ଖାଲି ସେତିକି ନୁହେଁ, ଗାଆଁର ଜଣ ଜଣଙ୍କ ଘରକୁ ବି ଗୋଟିଏ ଲେଖାଁରେ ତରଭୁଜ ପହଁଚାଇଦେଲା । କିନ୍ତୁ ଶେରସିଂହ ତା ଭାଗ ତରଭୁଜକୁ ତାକୁ ଓଲଟି ଫେରେଇ ଦେଇ କହିଲା -ମୁଁ ଭିକମଗା ନୁହେଁ ଯେ ତୋର ଏ ଭେଟିକୁ ନେଇଯିବି । ମନେରଖ ମୁଁ ଅନ୍ୟମାନଙ୍କ ଦାନ କେବେବି ଗ୍ରହଣ କରେନି । ଏତିକିବେଳେ ଅଚାନକ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଲା । ଶେରସିଂହ ବଳଦଗାଡିରେ ଗାଡିଏ ଧାନଶସ୍ୟ ଲଦି ଘରେ ଆଡେ ମୁହାଁଉଥିଲା । କାଦୁଅ ପଚପଚ ରାସ୍ତା । ରାସ୍ତାସାରା ଚବରଚବର ପାଣି । ବାଟରେ ଏକ ନାଳରେ ତା ବଳଦଗାଡିଟି ଦାଲୁକିନା ଖସିପଡିଲା । ଶେରସିଂହର ବଳଦଟି ତ ଦୁବଳାପତଳା ଓ ନଡନଡିଆ । ସେ ବଳଦଗାଡିକୁ ପଙ୍କକାଦୁଅଭରା ନାଳରୁ ବାହାର କରିପାରିଲା ନାହିଁ । ଯେତେବେଳେ ଗାଆଁବାଲାଙ୍କ କାନରେ ଏ ଖବର ବାଜିଲା ସବୁ ଲୋକ ଏକାବେଳକେ କହିଲେ -ଶେରସିଂହଟା ଭାରି ଦୁଷ୍ଟ, ବଦମାସ । ରାତିସାରା ସେ ନାଳରେ ପଡି ଘଂଟିଚକଟି ହେଲେ ଯାଇ ବୁଦ୍ଧି ଶିଖିବ । କିନ୍ତୁ ଦୟାରାମ ସାହସ ଶକ୍ତି ଖଟେଇ ବଳଦ ଗାଡିକୁ ସାଙ୍ଗରେ ଘେନି ତରତର ପାଦରେ ନାଳ ଆଡେ ବଢ଼ିଲା । ହେଲେ ଗାଁ ଲୋକମାନେ ତା ବାଟ ଓଗାଳି କହିଲେ -ଦୟାରାମ, ବଦମାସ ଶେରସିଂହଟା ତୋର ବହୁତ କ୍ଷତି କରିଛି । ତୁ ଥରେ କହୁଥିଲୁ ନା, ମୋ ସହିତ ସିଏ ଲଢିଲେ ତାକୁ ମୁଁ ଜୀବନରେ ମାରିଦେବ ବୋଲି । ଅଥଚ ତୁ ଆଜି ତାକୁ ସହାୟତା କରିବାକୁ ଯାଉଛୁ କାହିଁକି ? ତହୁଁ ଦୟାରାମ କହିଲା -ମୁଁ ଆଜି ତାକୁ ସତକୁସତ ମାରିଦେବି । ରାତିପାହି ସକାଳ ହେଲେ ତୁମେ ତାକୁ ଦେଖିବ । ଯେତେବେଳେ ଶେରସିଂହ ଦୟାରାମକୁ ବଳଦ ଘେନି ଆସୁଥିବାର ଦେଖିଲା ଗର୍ବରେ ବେଲୁନ ଭଳି ଫୁଲିଉଠି କହିଲା - ତୁ ଏଇକ୍ଷଣି ନିଜ ବଳଦକୁ ନେଇ ଫେରିଯା । କୌଣସି ପ୍ରକାର ସାହାଯ୍ୟ ମୋର ଦରକାର ନାହିଁ । ଦୟାରାମ କହିଲା -ତୋ ମନରେ ଯାହା ଆସୁଚି ଗାଳିଦେ, ମନ ଯଦି କହୁଚି ମତେ ଜୀବନରେ ମାରିଦେ । ଏ ସମୟରେ ତୁ ସଂକଟରେ ପଡିଛୁ । ତୋର ଗାଡି ପଙ୍କୁଆ ନାଳରେ ଫସିଯାଇଛି, ଆଉ ଏବେ ଘନଘୋର ରାତି । ମୁଁ କିନ୍ତୁ ତୋ କଥାକୁ ଏ ସମୟରେ ମାନିପାରିବି ନାହିଁ । ସେଉଠୁ ଦୟାରାମ ଶେରସିଂହର ବଳଦଯୋଡିକୁ ଫିଟେଇ ନିଜ ବଳଦଗାଡିରେ ଯୋଚିଲା । ଦେଖୁଦେଖୁ ବଳୁଆ ବଳଦ ଯୋଡିକ ବଳଦଗାଡିଟିକୁ ନାଳରୁ ଭିଡିଓଟାରି ବାହାର କରିଆଣିଲେ । ଶେରସିଂହ ବଳଦଗାଡି ନେଇ ଘରକୁ ଲେଉଟିଲା । ତାର ଦୁଷ୍ଟାମି ସ୍ୱଭାବ ସେଇଦିନୁ ବଦଳିଗଲା । ସେ କହିବୁଲିଲା -ଦୟାରାମ ନିଜ ଉପକାର ଦ୍ୱାରା ମତେ ମାରିଦେଲା । ଏବେ ମୋର ସେ ଅହଂକାରୀ ଶେରସିଂହ କୋଉଠି ରହିଲା !

ଏଣିକି ସେ ନମ୍ରତାର ସହ ସ୍ନେହପୂର୍ଣ୍ଣ ବ୍ୟବହାର କରିବାକୁ ଲାଗିଲା । ଦୁର୍ଗୁଣ ଉପରେ ସୁଗୁଣର ଜିତାପଟ ହିଁ ପ୍ରକୃତ ଜିତ୍ । ସତ୍ୟବାଦୀ ଦୟାରାମର ବିଜୟ ହେଲା ।

ସେବାନିବୃତ ଅତିରିକ୍ତ ଶାସନ ସଚିବ
ଓସ୍କାର ସିଟି, ପ୍ଲଟ ନଂ ୪୫୪,ଲେନ ନଂ-୯, ଲକ୍ଷ୍ମୀସାଗର , ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

### ବେଶି ଦୂର ନୁହେଁ
କୀର୍ତ୍ତନ ସାହୁ

ବେଶି ଦୂର ନୁହେଁ ସଫଳ ହେବାଟା
ଠିକ ଭାବେ ଯଦି କର
ଯୋଉ କାମ ହେଉ ସେ କାମରେ ଯଦି
ମନ ପ୍ରାଣ ତମ ଭର ।

ପାଠ ପଢିବାଟା ଛାତ୍ରଟିଏ ପାଇଁ
ମନ ଦେଇ ଯେବେ ପଢେ
ନିଶ୍ଚୟ ଦିନେ ସେ ସଫଳ ହୋଇକି
ତା ପର ପାହାଚ ଚଢ଼େ ।

ଠିକ ସମୟରେ ଚାଷ କରିବାଟା
କୃଷକର କାମ ପରା
ଭଲ ଭାବେ କଲେ ସଫଳ ହୁଅଇ
ହସି ଉଠେ ଏଇ ଧରା ।

ପିଲାଙ୍କର ମନ ନେଇ ହିଁ ଗୁରୁଜୀ
ଭଲ ଶିକ୍ଷା ଦେଉ ଥିଲେ
ଯେତେ କଷ୍ଟ ହେଉ ସହଜ ହୋଇବ
ସଫଳ ହୋଇବେ ପିଲେ ।

ଯେଉଁ କାମ ହେଉ ସହଜ ଉପାୟ
ଶିଖି କରି କଲେ ଆମେ
ବେଶି ଦୂର ନୁହେଁ ସଫଳ ହେବାକୁ
ପ୍ରଶଂସା ପାଇବା କାମେ ।
ଈଈଈ
ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
(ମୋ) ୯୪୩୮୪୧୪୭୦୧

## ପଣ୍ଡିତ ଗୋପବନ୍ଧୁ: କୋଟି ଓଡ଼ିଆଙ୍କ ମଉଡ଼ମଣି



କସ୍ତୁରୀ ଚରଣ ରାଉତ



ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଧୁନିକ ଓଡିଶାର ନିର୍ମାତା, ଓଡିଆ ଭାଷାର ତ୍ରାଣକର୍ତ୍ତା, ସମାଜସେବୀ, ଆଦର୍ଶ ଶିକ୍ଷକ, ମାନବପ୍ରେମୀ, ସାମ୍ବାଦିକ, କବି, ଦାର୍ଶନିକ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାରକ, ଶ୍ରେଷ୍ଠ ଜନନେତା, ଜନସେବକ, ଆଦର୍ଶ ବ୍ୟବସ୍ଥାପକ, ସୁପଣ୍ଡିତ ଏବଂ ନୀତିବାଦି ଯୁଗପୁରୁଷ । ଏସମସ୍ତ ଗୁଣ ଭିତରେ ଗୋଟିଏ ସାଧାରଣ ଗୁଣ ତାଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଥିଲା, ତାହା ହେଲା ମାନବିକତା । ମାନବିକତା, ନୈତିକତା ଓ ଆଧ୍ୟାତ୍ମିକତାକୁ ଅନ୍ତର ଭିତରେ ପାଳି ପୋଷି ବଡ଼ କରିବାର ସଂକଳ୍ପ ନେଇଥାଏ । ସେଇ ସଂକଳ୍ପର ବୀଜମନ୍ତ୍ର ସେ ଗ୍ରହଣ କରିଥିଲେ ଭାର୍ଗବୀ ତୀରରେ ,ବକୁଳ ବୃକ୍ଷ ତଳେ, ଯାଗେଶ୍ୱରୀ ଦେବୀଙ୍କ ମନ୍ଦିରରେ ତାଙ୍କର ପଠନଶାଳାରେ ।ତାଙ୍କର ଜୀବନ ଓ ସାଧନା ସୂଚାଇଦିଏ ଯେ ମହତ୍ତର ହେବାଲାଗି ଧନ, ବୟସ, ବିଦ୍ୟା, ଜାତି, ଆଡ଼ମ୍ବର, ପଦପଦବୀ କିଛି ଲୋଡ଼ାହୁଏ ନାହିଁ, ଲୋଡ଼ାହୁଏ ଏକ ସମର୍ପିତ ଶୁଦ୍ଧ ଚିତ୍ତ ଓ ସାଧୁ ଆଚରଣ ।

ଆଧୁନିକ ଓଡିଶାର ଏଇ ନିର୍ମାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପିତା ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ଜନ୍ମ ନେଇଥିଲେ ।ମାତାଙ୍କ ମୃତ୍ୟୁ ପରେ, ୧୮୯୩ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେଠାରେ ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହିତ ପରିଚୟ ହେଲା, ଯାହାଙ୍କଠାରୁ ପରେ ସେ ଦେଶ ସେବାର ଶିକ୍ଷା ପାଇଥିଲେ ।ଗୋପବନ୍ଧୁଙ୍କ ଦ୍ୱାରା ସେତେବେଳେ, ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରାଯାଇଥିଲା । ପୁରୀ ସେବା ସମିତି ଗଠନ କରି, ସେ ଆପଣା ଜୀବନକୁ ବିପନ୍ନ କରି ସାଥୀମାନଙ୍କ ସହ ରୋଗୀସେବା, ପରିବେଶ ପରିଚ୍ଛନ୍ନ ଓ ଶବସଂସ୍କାର ଇତ୍ୟାଦି କାମରେ ଲାଗିପଡ଼ିଥିଲେ । ଗୋପବନ୍ଧୁ ମାତ୍ର ୧୨ ବର୍ଷ ବୟସରେ ବିବାହ କରିଥିଲେ । ବିବାହ ପରେ ମଧ ସେ ପାଠ ପଢ଼ା ଜାରି ରଖିଥିଲେ । ପୁରୀରୁ ମାଟ୍ରିକ ପାସ୍ କରି କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । ଏହି ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ ଓଡ଼ିଆ ଭାଷା ବିଲୋପର ଘୋର ପ୍ରତିବାଦ କଲେ ।ତାଙ୍କ ଆହ୍ୱାନ ଥିଲା, 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାହାର ଭାଷା । ଭାଷା ହିଁ ଜାତିର ପ୍ରାଣ ସ୍ପନ୍ଦନ ।'

ସେ ନିଜକୁ ଦେଶ ସେବାରେ ସଂପୂର୍ଣ୍ଣ ଉତ୍ସର୍ଗ କରିଥିଲେ, ଏପରିକି ପୀଡିତମାନଙ୍କ ଦୁଃଖ ଦୂର କରିବା ବେଳେ ନିଜର ଏକମାତ୍ର ପୁତ୍ରକୁ ହରାଇଥିଲେ ।

ସେ ଦାରିଦ୍ର୍ୟ ଓ ଅଶିକ୍ଷାରୁ ମୁକ୍ତ ଏକ ସମାଜ ଚାହୁଁଥିଲେ, ଯେଉଁଠି ମଣିଷ ସମ୍ମାନର ସହ ବଞ୍ଚିପାରିବ ଓ ନିଜର ସଚେତନତାର ସ୍ତରକୁ ବୃଦ୍ଧି କରିପାରିବ । ଏହି ଲକ୍ଷ୍ୟ ହାସଲରେ ବ୍ରତୀ ହୋଇ ସେ ସାରା ଜୀବନ କାମ କରିଚାଲିଥିଲେ ।ଗୋପବନ୍ଧୁଙ୍କର ଏହି ମହତ ଉଦ୍ଦେଶ୍ୟକୁ ଚିହ୍ନି

୨୮.୦୬.୧୯୨୪ ତାରିଖରେ ବିଶିଷ୍ଟ ବୈଜ୍ଞାନିକ ତଥା ବଙ୍ଗଳାର ଦେଶପ୍ରେମୀ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରିଥିଲେ । ୧୯୦୯ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟ ଆରମ୍ଭ କରିଥିଲେ, ଯେଉଁଥିରେ ପରେ ପଣ୍ଡିତ ନୀଳକଂଠ ଦାସ, ଆଚାର୍ଯ୍ୟ ହରିହର ଓ ଅନ୍ୟମାନେ ଯୋଗ ଦେଇଥିଲେ । ଏହି ବିଦ୍ୟାଳୟ ଏହାର ଗୁଣାତ୍ମକ ଶିକ୍ଷା ତଥା ମୂଲ୍ୟବୋଧ ଦୃଷ୍ଟିରୁ ଖୁବଶୀଘ୍ର ଲୋକପ୍ରିୟ ହୋଇପାରିଥିଲା । ସେ ମଧୁସୂଦନ ଦାସଙ୍କ ସହ ମିଶି ଉତ୍କଳ ସମ୍ମିଳନୀ ଜରିଆରେ ଏକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଦାବୀ ହାସଲ କରିବାକୁ ଓଡିଶାର ଜନସାଧାରଣଙ୍କୁ ଜାଗ୍ରତ କରିପାରିଥିଲେ । ଓଡିଆ ଭାଷା ଓ ସାହିତ୍ୟର ପ୍ରସାର ନିମନ୍ତେ ସେ ୧୯୧୯ ମସିହା ଅକ୍ଟୋବର ମାସ ୪ ତାରିଖରେ ସାପ୍ତାହୀକ 'ସମାଜ' ଆରମ୍ଭ କରିଥିଲେ । ତାଙ୍କର କାଳଜୟୀ ଶବ୍ଦାବଳୀ ଏବେ ମଧ ଯୁବପିଢିଙ୍କୁ ଉତ୍ସାହିତ କରିଥାଏ ।"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।ଦେଶର ସ୍ୱରାଜ ପଥେ ଯେତେ ଗାଡ, ପୂରୁ ତହିଁ ପଡି ମୋର ମାଂସ ହାଡ ।"

ସେ ଜଣେ ଅନନ୍ୟ କବି ଥିଲେ । ଜାତୀୟତାବାଦୀ ଚିନ୍ତାଧାରା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ପୁରୀ ପ୍ରତି ତାଙ୍କର ପ୍ରେମଭାବ ତାଙ୍କ ରଚିତ କବିତାରେ ଭାବବିହ୍ୱଳତା ସହ ବର୍ଣ୍ଣିତ ହୋଇଛି । 'ବନ୍ଦୀର ଆତ୍ମକଥା' ଓ 'ଅବକାଶ ଚିନ୍ତା' ତାଙ୍କର ଅନନ୍ୟ କୃତି । ସେ କର୍ମରେ ବିଶ୍ୱାସ କରୁଥିଲେ । ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖରେ ୫୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ମାତ୍ର ନିଜର କର୍ମ ଯୋଗୁଁ ସେ କୋଟି କୋଟି ଓଡ଼ିଆଙ୍କ ଭିତରେ ଚିରକାଳ ବଞ୍ଚି ରହିଥିବେ । ତାଙ୍କରି ଶବ୍ଦରେ କହିଲେ :-

'ମାନବ ଜୀବନ ନୁହଁଇ କେବଳ/ ବର୍ଷ, ମାସ, ଦିନ, ଦଣ୍ଡ/ କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ ।' ଈଈଈଈ

+ ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ, ବଲାଙ୍ଗିର.
ମୋ. ୮୯୧୭୩୯୭୩୪୮

## ଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ବୈଠକ ଅନୁଷ୍ଠିତ

ପୁରୀ, ୨୧/୨ (ନି.ପ୍ର): ଚଳିତ ବର୍ଷ ୨୬ ତାରିଖରେ ମହାଶିବରାତ୍ରି । ଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ କହିଥିଲେ ଯେ, ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଶ୍ରଦ୍ଧାଳୁ ମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ଓ ସେମାନେ ଏକ ସୁଖଦ ଅନୁଭୂତି ନେଇ ଘରକୁ ଫେରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ମାସ ୨୪ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୨୬ ତାରିଖରେ ହେବାକୁ ଥିବା ଜାଗର ଯାତ୍ରାର ନିତୀକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ନିର୍ଦ୍ଧାରିତ ହୋଇଥିବା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ପଙ୍କୋଦ୍ଧାର ପାଇଁ ୨୪ ତାରିଖ ରାତ୍ର ୧୨ଟା ୩୦ ସମୟରେ ପହୁଡ଼ ଦ୍ୱାର ଖୋଲା, ରାତ୍ର ୧ଟା୧୫ ମିନିଟରୁ ମଙ୍ଗଳ ଆରତୀ, ଅବକାଶ ଇତ୍ୟାଦି, ରାତ୍ର ୧ଟା ୪୫ ମିନିଟରୁ ରାତ୍ର ୩ଟା ମଧ୍ୟରେ ସକାଳ ଧୂପ, ରାତ୍ର ୩ଟାରୁ ରାତ୍ର ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ରାତ୍ର ୪ଟା ରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ଟାରୁ ରାତ୍ର ୧୦ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ ଟାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।ସେହିପରି ୨୬ ତାରିଖରେ ରାତ୍ର ୧୨ଟା୩୦ ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଟା ଠାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ ରୁ ରାତ୍ର ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୨ଟା ରୁ ରାତ୍ର ୩ଟା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ ସିଂହାର ବେଶ ଓ ମହଦୀପ ପ୍ରଜ୍ୱଳନର କାର୍ଯ୍ୟକ୍ରମ ରହିଛି ।ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିଭିନ୍ନ ବିଭାଗର ଅଧିକାରୀ, ଆରକ୍ଷୀ ଅଧିକାରୀ, ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆୟୁଷ୍ମାନ ଆରୋଗ୍ୟ ଶିବିର

ଗଂଜାମ, ୨୧/୨ (ନି.ପ୍ର): ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେଂନ୍ଦ୍ରରେ ଫେବୃଆରୀ ମାସର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଡାକ୍ତର ମାନସ ରଂଜନ ବିଷୋଇ, ଆୟୁଷ ଡାକ୍ତର ଦେବାଶିଷ ଶତପଥୀ , ଫାର୍ମାସୀ ଅଧିକାରୀ ବସନ୍ତ କୁମାର ସୁବୁଦ୍ଧି, ଏଲଟି ପ୍ରତଜ୍ଞା ସାହୁ, ହସପିଟାଲର କର୍ମଚାରୀ ବୃନ୍ଦ ପଂଚାନନ ଗୌଡ, ଶରତ ପଟ୍ଟନାୟକ ଓରୋହିତନାୟକ ଆଶା ଓ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ରହି ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ। ଆଖପାଖ ଅଂଚଳର ବହୁ ରୋଗୀ ଶିବିରରେ ଯୋଗ ଦେଇଥିଲେ ।

## ଜିଲ୍ଲାପାଳ ଏବଂ ଡିଇଓଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର କଳା ଓ କ୍ରୀଡ଼ା ଶିକ୍ଷକ ସଂଘର ଦାବି ପତ୍ର ପ୍ରଦାନ

ସୁବର୍ଣ୍ଣପୁର, ୨୧/୨ (ନି.ପ୍ର):- ଓଡିଶା ସରକାରଙ୍କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସମଗ୍ର ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକମାନଙ୍କର ପାର୍ଟ ଟାଇମ (ଅସ୍ଥାୟୀ) ଚାକିରି କୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାର କଳା ଓ କ୍ରୀଡା ଶିକ୍ଷକ ସଂଘ ଜିଲ୍ଲାପାଳ ଓ ଡିଇଓ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ୨୦୧୩ ମସିହାରୁ କଳା (ଭିଜୁଆଲ୍ ଆର୍ଟ/ ପାରଫରମିଙ୍ଗ ଆର୍ଟ ) ଓ କ୍ରୀଡା ପ୍ରଶିକ୍ଷକ ମାନେ ନିଯୁକ୍ତି ପାଇଥିଲେ ସୁଦ୍ଧା ସେମାନଙ୍କୁ ସ୍ଥାୟୀ କରାଯାଇନାହିଁ । ଦୀର୍ଘ ୧୨ ବର୍ଷ ଧରି ନିଯୁକ୍ତି ପାଇଥିବା ଏହି ସାମୟିକ ପ୍ରଶିକ୍ଷକ ମାନେ ନିଃସ୍ୱାର୍ଥପର ଭାବରେ ବିଦ୍ୟାଳୟ ମାନଙ୍କରେ ନିଜର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରୁଥିବା ସତ୍ୱେ ପ୍ରତି ମୁହୂର୍ତରେ ଅବହେଳା ର ଶିକାର ହୋଇଆସୁଛନ୍ତି । କିନ୍ତୁ ରାଜ୍ୟ ସରକାରାଙ୍କର ସର୍ବଶିକ୍ଷା ଅଭିଯାନ ଅଧୀନରେ କାର୍ଯ୍ୟରତ ଶିକ୍ଷାସହାୟକ ୨୦୦୮ ମସିହାରେ, ଗଣଶିକ୍ଷକ ମାନଙ୍କୁ ୨୦୧୭ ମସିହାରେ ଏବଂ ବହୁଭାଷୀ ( ଏମ.ଏଲ.ଉ) ଶିକ୍ଷକ ମାନଙ୍କୁ ୨୦୨୨ ସମିହାରେ କ୍ୟାଡରଭୁକ୍ତ କରାଇ ଯେଉଁଭଳି ଭାବରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେହିଭଳି ଆମ୍ଭ କଳା ଓ କ୍ରୀଡା ପ୍ରଶିକ୍ଷକ ମାନଙ୍କ କ୍ୟାଡରଯୁକ୍ତ କରାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ ଆମ୍ଭେ ୪୭୮୧ କଳା ଓ କ୍ରୀଡା ଶିକ୍ଷକଙ୍କ ପରିବାର ଆପଣଙ୍କ ନିକଟରେ କୃତଜ୍ଞ ହେବୁ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଅବସରରେ ସଂଘର ସମ୍ପାଦକ ଚୌଧୁରୀ ବିଭାର, ସହ ସମ୍ପାଦକ ସଞ୍ଜୟ କୁମାର ସାହୁ, ଶ୍ୟାମ ସୁନ୍ଦର ମେହେର, ଶ୍ରୀନିବାସ ସାହୁ, ଆଲୋକ ଗହନ,ସୁକାନ୍ତ କୁମାର ମାହାକୁର, ପ୍ରସନ୍ନ କୁମାର ତାଣ୍ଡି, ପ୍ରମୋଦ କୁମାର ନାୟକ, ସୁଜାତା ସାହୁ, ସୁରେନ୍ଦ୍ର ମେହେର, ମିନାକ୍ଷୀ ପଣ୍ଡା, ନିର୍ମଳ ପୋଡ଼, ସୁରେନ୍ଦ୍ର କୁମାର ମେହେର, ରାମ କୁମାର ପାତ୍ର ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବହେଳିତ ସେମିଳିଅଟାଳ ଗାଁ : ପହଂଚି ପାରିଲାନି ରାସ୍ତା

ଜୟପୁର, ୨୧/୨ (ନି.ପ୍ର): ଦୁର୍ଗମ ଅଂଚଳରେ ପହଂଚି ପାରିଲାନି ରାସ୍ତା । ଯଦ୍ୱାରା ବଦଳି ପାରିଲା ନି ପାହାଡିଆ ଗାଁ ର ନକ୍ସା। ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। ଆସନ୍ତୁ ଦେଖିବା କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ବାଣ୍ଡିଗୁଡା ପଂଚାୟତର ସେମିଳିଅଟାଳ ଗାଁ ର ଚିତ୍ର । ଦୁର୍ଗମ ଅଂଚଳରେ ପହଂଚି ପାରିଲାନି ବିକାଶ । ଆଜିବି ନା ଏଠି ରାସ୍ତାର ସୁବିଧା ଅଛି ନା ପାନୀୟ ଜଳର ସୁବିଧା ହେଇଛି। ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ। ବାଧ ହୋଇ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ସେସବୁକୁ ଅନ୍ୟ ଗାଁ ରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଂଟାନ୍ତି ଏମାନେ। କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ ସୁଆ ଓପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଂଚଳରେ ଅପହଂଚ। ବୋରିଗୁମ୍ମା ବ୍ଲକର ସେମିଳି ଅଟାଳ ପଂଚାୟତ ସଦର ମହକୁମା ଠାରୁ ୮ କି.ମି. ଦୂରରେ ଅବସ୍ଥାପିତ ଏହି ଗାଁ। ଗାଁକୁ ଯିବାକୁ ହେଲେ ମାଳିଗୁଡା ଠାରୁ ୫ କିଲୋ ମିଟର ଘଂଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ନ୍ନ ରାସ୍ତା ଦେଇ ଗଲେ ପଡେ ଏହି ଗାଁ ସେମିଳି ଆଟାଳ କ୍ଷ ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇପାରିନି। ଗାଁ ରେ ୩୪ ପରିବାର ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ବସବାସ କରନ୍ତି। ଜଙ୍ଗଲ ମଧ୍ୟରେ ସକୀର୍ଣ୍ଣ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ। ସ୍କୁଲ ପିଲା ଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପଥରିଆ ରାସ୍ତାରେ ୫ କି.ମି. ଯିବାକୁ ପଡେ। ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଂଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି। ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଉଚିତ ବ୍ୟବସ୍ଥା ହୋଇନି। ବହୁ ବର୍ଷତଳର ଏକ ନଳ କୂପ ରହିଛି ସେଥିରୁ ପାଣି ବାହାରୁନି। ଫଳରେ ଗାଁ ନିକଟରେ ଥିବା କୁଅ ପାଣି ହିଁ ଏମାନଙ୍କ ଭରସା। ଖରା ଦିନ ହେଲେ ସେହି କୂଅ ପାଣି ବି ସୁଖି ଯାଉଛି। ଗାଁ ରେ କେବଳ ୫ଟି ପରିବାରଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ସେ ସବୁ ଘର ବି ଅଧାପନ୍ତରିଆ ହୋଇପଡିଛି। ଗାଁ ରେ ଅଙ୍ଗନୱାଡି କେନ୍ଦ୍ର ପାଇଁ ଉପଯୁକ୍ତ ଭିତିଭୂମି ନାହିଁ, ଅଙ୍ଗନ ବାଡ଼ି କର୍ମୀଙ୍କ ଘରେ ହିଁ ଚାଲୁଚି କେନ୍ଦ୍ର। ୫ ବର୍ଷ ହେବ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଅଧାପନ୍ତରିଆ ହୋଇ ପଡିଛି। ଗାଁ ରେ ସ୍କୁଲ ନାହିଁ। ଫଳରେ କୁନି କୁନି ଶିଶୁ ଓ ଗର୍ଭବତୀ ମହିଳାମାନେ ବହୁ ଅସୁବିଧା ଭୋଗୁଛନ୍ତି। ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି ।ଫଳରେ ଗର୍ଭବତୀ ମହିଳା ଓ ରୋଗୀଙ୍କୁ ୫ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ମାଳିଗୁଡ଼ା ପର୍ଯ୍ୟନ୍ତ ଆଣିଲେ ସେଠାରୁ ଆମ୍ବୁଲାନ୍ସରେ ମେଡ଼ିକାଲ ଯାଆନ୍ତି। ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲ ଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ । ଗାଁ କୁ ରାସ୍ତା ସଂଯୋଗ କରିବା ସହିତ ପାଇପ ଯୋଗେ ପାନୀୟ ଜଳର ଯୋଗାଣ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ସେମିଳି ଅଟାଳ ଗାଁ କୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଂଚିପାରୁନି। ଅନେକ ଗରିବ ଆଦିବାସି ପରିବାର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ପାଇପାରୁ ନାହାନ୍ତି। ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦବି ପଡୁନି ଏହି ଗାଁ ରେ ।ଏସବୁ ସମସ୍ୟାକୁ ନେଇ ପ୍ରଶାସନ ଓ ରାଜନେତାଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି କେବଳ ଭୋଟ ସମୟରେ ଦେଖା ଦେଉଛନ୍ତି ପରେ ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଗାଁ କୁ ରାସ୍ତା ସଂଯୋଗ ଏବଂ ପାଣିର ସୁବିଧା କରିବା ପାଇଁ ରାଜ୍ୟର ନୂଆ ବିଜେପି ସରକାରଙ୍କୁ ଗାଁ ଲୋକେ ନିବେଦନ କରିଛନ୍ତି ।

## ଦୁଇ ମାସ ହେଲା ଦରମା ମିଳିନି, ମୂଲ ଲାଗିଯିବାକୁ ଛୁଟି ଦରଖାସ୍ତ ଦେଲେ ଶିକ୍ଷକ

ବଲାଙ୍ଗିର, ୨୧/୨ (ନି.ପ୍ର): -ଦୁଇ ମାସ ବିତିବାକୁ ବସିଲାଣି । ଏଲଟମେଣ୍ଟ ନାହିଁ ବୋଲି ଦରମା ହୋଇପାରୁନି। ସାରା ରାଜ୍ୟରେ ୨୨୦୦୦ ଏକ୍ସ୍ କେଡର ଶିକ୍ଷକ ଏଥିଯୋଗୁଁ ହଇରାଣ ହେଉଛନ୍ତି। ଏପରିକି ଦୁଇମାସ ବିତିବା ପରେ ବି ଦରମା ନମିଳିବାରୁ ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ବାନ୍ଧନବାହାଲର ଜଣେ ଶିକ୍ଷକ ମଜୁରୀ କାମ କରିଯିବାକୁ ପ୍ରଧାନଶିକ୍ଷକଙ୍କୁ ଲେଖିଛନ୍ତି ଛୁଟି ଦରଖାସ୍ତ। ପ୍ରଧାନଶିକ୍ଷକ ବି ଛୁଟିକୁ ମଞ୍ଜୁର କରି ତାଙ୍କୁ ମୂଲ ଲାଗିବାକୁ ଯିବାକୁ ଅନୁମତି ଦେଇଛନ୍ତି। ଏହି ଘଟଣାଟି ଆମକୁ ଅନେକ କିଛି ଭାବିବାକୁ ବାଧ କରିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ଭଳି ଗୁରୁଦାୟିତ୍ୱ ମୁଣ୍ଡାଉଥିବା ଜଣେ ଶିକ୍ଷକ ଯଦି ଆଜି ଅର୍ଥାଭାବ ଯୋଗୁଁ ମୂଲ ଲାଗିବାକୁ ଯିବେ, ତେବେ ନିଜକୁ ଜଣେ ଶିକ୍ଷକ ଭାବେ ପରିଚୟ ଦେଉଥିବା ଆଦରଣୀୟ ମୁଖ୍ୟମନ୍ତ୍ରୀ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବା ବିଧେୟ। ଦୁଇଦିନ ତଳେ ରାଜ୍ୟ ବଜେଟ ପାସ ହୋଇଛି। ରାଜ୍ୟର ସବୁ ବର୍ଗଙ୍କୁ ଖୁସ କରିବାକୁ (ଗରିବ, ନିମ୍ନ ଓ ମଧ୍ୟବିତ ପରିବାରକୁ ବେଶୀ ବାଧୁଥିବା ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ ବ୍ୟତୀତ) ମୋହନ ସରକାର ପ୍ରୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ତୁରନ୍ତ ପଦକ୍ଷେପ ନେଇ ରାଜ୍ୟର ଏକ୍ସ୍ କେଡର ଶିକ୍ଷକମାନଙ୍କ ଦୁଇମାସର ବକେୟା ଦରମା ତୁରନ୍ତ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଜନେସ୍ ମ୍ୟାନେଜମେଂଟ ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ ପ୍ଲେସମେଂଟ

ଜୟପୁର, ୨୧/୨ (ନି.ପ୍ର):-ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ କମର୍ସ ଆଣ୍ଡ ମ୍ୟାନେଜମେଂଟ ଷ୍ଟଡିଜ୍ ଅଧୀନରେ ବିଜନେସ୍ ମ୍ୟାନେଜମେଂଟ ବିଭାଗ ସଫଳତାର ସହ ଏକ ପ୍ଲେସମେଂଟ ଅଭିଯାନର ଆୟୋଜନ କରିଥିଲା ଯାହା ଏମବିଏ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ଏବଂ ଆକର୍ଷଣୀୟ କ୍ୟାରିୟର ସୁଯୋଗ ସୁରକ୍ଷିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରିଥିଲା । ୨୦୨୫ ଫେବ୍ରୁଆରି ୪ ତାରିଖରେ ଏକ ପ୍ରମୁଖ ଷ୍ଟାର୍ଟଅପ୍ କମ୍ପାନି ଟ୍ରେଡ୍-ଭିଜର୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରିଥିଲା, ଯେଉଁଥିରେ ଏଚଆର, ଫାଇନାନ୍ସ, ମାର୍କେଟିଂ ଏବଂ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳାରେ ମିଯୁକ୍ତି ସୁଯୋଗ ନେବାକୁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ଏହି ପ୍ଲେସମେନ୍ଟ ଡ୍ରାଇଭ ରେ ମୋଟ ୧୯ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରି କଠୋର ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏଥିପାଇଁ ପ୍ରୋଜେକ୍ଟ ମ୍ୟାନେଜର ଭାବେ ଲିପିନା ବାରିକ, ଭି ହନିଷା, ଏମ୍ ସ୍ୱାତୀ ପଟ୍ଟନାୟକ ଓ ସୁଦୀପ ମାନ୍ନାଙ୍କୁ କମ୍ପ୍ଲାଏନ୍ସ ଆସିଷ୍ଟାଂଟ ଭାବେ ନିଯୁକ୍ତି ମିଳିଥିଲା। ସମସ୍ତ ୪ ଜଣ ପ୍ରାର୍ଥୀ ସେମାନଙ୍କ ଅଫର ଲେଟର ପାଇଛନ୍ତି ଏବଂ ଟ୍ରେଡ୍-ଭିଜର୍ ଯୋଗ ଦେବା ପାଇଁ ସେମାନଙ୍କର ପ୍ରତିଶ୍ରୁତିକୁ ପ୍ରଦାନ କରିଛନ୍ତି। ପଦ୍ମ ଚରଣ ମିଶ୍ର (ବିଭାଗୀୟ ମୁଖ୍ୟ) ଡ. ସୁବାସ ଚନ୍ଦ୍ର ପଟ୍ଟନାୟକ, ଡ. ସୀତାନାଥ ରାୟଗୁରୁ, ଡ. ପଲାଶ ବୈରାଗୀ, ଡ. ଲୁଲିଆ ନୁଖୁ, ଶ୍ରୀନିବାସ ରାଓ କେ, ନୀତିନ କେ ହୋଥାଙ୍କ ଦ୍ୱାରା ଅନୁଷ୍ଠିତ ଏହି ପ୍ଲେସମେନ୍ଟ ଡ୍ରାଇଭକୁ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗ ଦେଇଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟ୍ରେଡ୍-ଭିଜର୍ ଟିମ୍କୁ ଧନ୍ୟବାଦ ଦିଆଯାଇଛି। ଏହି ଅବସରରେ ଏକ ଫଟୋଗ୍ରାଫି ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମନୋନୀତ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ବାଣିଜ୍ୟ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କ୍ୟାମ୍ପସ ପ୍ଲେସମେଂଟ ହାସଲ କରିଥିବା ବିଜନେସ୍ ମ୍ୟାନେଜମେଂଟ ବିଭାଗର ଏମବିଏ ଛାତ୍ରଛାତ୍ରୀଙ୍କ ପ୍ରଥମ କ୍ୟାମ୍ପସ୍ ବ୍ୟାଚକୁ ଅଭିନନ୍ଦନ ଜଣାଇ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ସେହିପରି ବିଶ୍ୱବିଦ୍ୟାଳୟ ପ୍ଲେସମେଂଟ ସେଲ୍ ର ମୁଖ୍ୟ ଡ. ପଦ୍ମଚରଣ ମିଶ୍ର କହିଥିଲେ ଯେ, ଚଳିତ ମାସ ଶେଷ ଆଡ଼କୁ ଆଉ ୩ଟି କମ୍ପାନି କ୍ୟାମ୍ପସ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

### ପରିବା ଦୋକାନରେ ଅଗ୍ନିକାଣ୍ଡ

ଜୟପୁର, ୨୧/୨ (ନି.ପ୍ର): ଜୟପୁର ଖ୍ରୀଷ୍ଟିଆନପେଟା ଛକରେ ଥିବା ପରିବା ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ଆଜି ସକାଳ ୭ଟାରେ ଜୟପୁର ଦମକଳ ବାହିନି ଖବର ପାଇ ପହଂଚି ଥିଲେ । ନିକଟରେ ଟ୍ରାନ୍ସଫର୍ମର ରହିଥିଲା । ତେବେ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତି ଥିଲେ । ଦମକଳ ବାହିନି ପହଂଚି ସାଢେ ୮ଟା ସମୟରେ ନିଆଁକୁ ଆୟତ କରିଥିଲେ । ଜୟପୁର ଆସିଷ୍ଟାଣ୍ଟ ଫାୟର ଅଫିସର ସୁରେଶ ବାରିକଙ୍କ ନେତୃତ୍ୱରେ ଦମକଳ ବାହିନି ପହଂଚି ନିଆଁକୁ ଆୟତ କରିଥିଲେ । ସର୍ଟସର୍କିଟ ଯୋଗୁଁ ଏପିରି ଘଟଣା ଘଟିଥିବା ଦମକଳ ବାହିନି ଆଶଙ୍କା କରୁଛି ।

## ୫ଟି ଚୋରି ମାମଲାର ପର୍ଦାଫାଶ କଲା ଟାଉନ ପୋଲିସ, ଜଣେ ନାବାଳକ ସମେତ ୪ ଗିରଫ

ଜୟପୁର, ୨୧/୨ (ନି.ପ୍ର): ଜୟପୁର ସହରରେ ହୋଇଥିବା ୫ଟି ଚୋରି ମାମଲରା ପର୍ଦାଫାଶ କରିଛି ଜୟପୁର ଟାଉନ ପୋଲିସ । ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ ଆଜି ଜୟପୁର ଏସଡିପିଓଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ ହାଟପଦାର ବିଜୟ ବେନିଆ ଏଲିୟସ ରିଙ୍କୁ ବେନିଆ (୨୩), କାହ୍ନୁ ମୁଦୁଲି (୧୯), ଜି ସତ୍ୟ ନାରାୟଣ ପାତ୍ର (୨୬) । ଏବଂ ଜଣେ ନାବାଳକକୁ କାବୁ କରିଛି ପୋଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ କଳା ରଙ୍ଗ ଆଇରନ କେସ ବକ୍ସ ଓ ଗୁରୁତ୍ୱ ପୁ ?ଣ୍ଡ କାଗଜପତ୍ର, ୫୦ ହଜାର ନଗଦ ଟଙ୍କା, ୨୦ ଫୁଟର ଦଉଡି, କଲର ପ୍ରିଣ୍ଟର, ଟଙ୍କା ଗଣିବା ମେସିନ, ମୋବାଇଲ ଫୋନ, ୯୨ ହଜାର ଟଙ୍କାର ଡେରିମିଲକ ଚକଲେଟ ବ୍ୟାଗ, ୩୧ଟି ସ୍ମାର୍ଟ ଓାଚ, ୨ଟି ମିକଚେର ବ୍ୟାଗ, ଗୋଟିଏ ହୋମଥିଏଟରକୁ ଜବତ କରିଛି ।ସୂଚନା ଅନୁଯାଇ, ୧୭.୨.୨୫ ତାରିଖରେ ହଟପଦାରେ ଥିବା କମୋଲ ଇଂଟରପ୍ରାଇଜେସ ର ମାଲିକ ଅଭିଯୋଗ କରିଥିଲେ ଯେ, ତାଙ୍କର ଟ୍ରାକ୍ଟର ସୋରୁମରେ ଛାତ ଭାଙ୍ଗି ଦଉଟି ସାହାଯ୍ୟରେ ଭିତରକୁ ପଶି ଚୋରି କରିଥିଲେ ଚୋର । ସେଫଟି ଲକର ଚୋରି ହୋଇଛି । ଲକରେ ଭିତରେ ୨ ଲକ୍ଷ ୫୦ ହଜାର ଟଙ୍କା ଓ ଗୁରୁତ୍ୱପୁର୍ଣ୍ଣ କାଗଜ ପତ୍ର ରହିଥିଲା । ପୋଲିସ ଅଭିଯୋଗ ପାଇ ଅଭିଯୁକ୍ତ ରିଙ୍କୁ ବେନିୟାକୁ କାବୁ କରି ପଚରା ଉଚରା କରିଥିଲା । ଅଭିଯୁକ୍ତ ରିଙ୍କୁର ବୟାନ ଆଧାରରେ ଅନ୍ୟ ଅଭିଯୁକ୍ତ କାହ୍ନୁ ମୁଦୁଲି ସହ ନାବାଳକ ଥିବା ସୂଚନା ପାଇଥିଲା ପୋଲିସ । ଆଇରନ ବକ୍ସ ରୁ ଟଙ୍କା ବାହାର କରି ସେହି ବକ୍ସକୁ କେନାଲରେ ଫିଙ୍ଗି ଦେଇଥିଲେ । ଦମକଳ ବାହିନି ଓ ପୋଲିସ ଉଦ୍ୟମରେ ୬ ଘଂଟା ଖୋଜା ଖୋଜି କରି କେନାଲରୁ ଲକର ବାହାର କରିଥିଲେ । ସେହିପରି ଅଭିଯୁକ୍ତ ମାନେ ହାଟପଦା ସ୍ଥିତ ଷ୍ଟୋନ ଓାରଲଡ ମାବଲ ସୋରୁମରୁ ଚୋରି କରି ଫ୍ରଣ୍ଟେର, ଟଙ୍କା ଗଣିବା ମେସିନ, ମୋବାଇଲ ଫୋନ ଚୋରି କରିଥିଲେ । ଏନକେଟି ରୋଡରେ ଥିବା ସରସ୍ୱତି ଏଜେନ୍ସି ନାମିତ ଏକ ଚକଲେଟ ସୋ ରୁମରେ ପଶି ୨ଟି ବଡବ୍ୟାଗରେ ଥିବା ଡେରିମିଲକ ଚକଲେଟ ଯାହାର ମୂଲ୍ୟ ୯୨ ହଜାର ୨୬୧ ଟଙ୍କା ହେବ । ତାହା ଚୋରି କରିଥିଲେ। ସେହିପରି ହଟପଦାରେ ଥିବା କାଜୁ ମିଲରୁ ୧୦ ହଜାର ଟଙ୍କା ଚୋରି କରିଥିଲେ । ବାଇପାସ ରେଡରେ ଥିବା ଗ୍ରୋସେରି ଦୋକାନରୁ ମିକ୍ସଚେର ବ୍ୟାଗ, ହୋମ ଥିଏଟର ଚୋରି ହୋଇଥିଲା । ବାରିଣିପୁଟରେ ଥିବା ୟମାହା ସୋରୁମରୁ ୩୧ଟି ସ୍ମାର୍ଟ ଓାଚ ଚୋରି ହୋଇଥିଲା । ଅଭିଯୁକ୍ତ ମାନେ ଚୋରି ସାମଗ୍ରୀ ପାରାବେଡାରେ ଥିବା ଏଲ.ଏନ ଭେରାଇଟି ଷ୍ଟୋର ମାଲିକ ଜି ସତ୍ୟ ନାରାୟଣ ପାତ୍ରକୁ ବିକ୍ରମ କରୁଥିଲେ । ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ଜି. ସତ୍ୟ ନାରାୟଣ ପାତ୍ରକୁ ଗିରଫ କରିଛି ପୋଲିସ । ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜମେ ନାବାଳକକୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି ।

## ନାବାଳିକା ଅପହରଣ ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ଜୋରିମାନା

କନ୍ଧମାଳ , ୨୧/୨ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୨ ବର୍ଷିୟ ନାବାଳିକା ଅପହରଣ ମାମଲା ର ବିଚାର କରି ମାମଲାର ୧୮ ଜଣ ସାକ୍ଷୀ,ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ, ଫୁଲବାଣୀ ମୋଚି ସାହି ଅଂଚଳର ଆକାଶ ମେହେର (୨୩) କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ଆଉ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟ ରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାର ଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।ଘଟଣା ଅନୁସାରେ ଗତ ୨୦୨୧ ମସିହା ଜୁନ୍ ମାସ ୨୦ ତାରିଖ ସନ୍ଧ୍ୟା ସାତଟା ପରଠୁ ପିଡିତା ନିଖୋଜ ହୋଇଥିଲା । ଅଭିଯୁକ୍ତ ପିଡ଼ିତା କୁ ଡରେଇ ଧମକେଇ ଜୋର ଜବରଦସ୍ତି ବାଇକ୍ ରେ ବସେଇ ଏକ ନିକାଂଚନ ଯାଗାରେ ଥିବା ଭଙ୍ଗା ଘରକୁ ନେଇଥିଲା। ପିଡିତା ର ନିଖୋଜ ସଂକ୍ରାନ୍ତରେ ତା'ର ପିତା ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ଥାନାଧିକାରୀ ଥାନା ଏକ ମାମଲା ୯୪/୨୧ ରୁଜୁ କରି ଏସ୍ ଆଇ କିଶୋର କୁମାର ମହାକୁଡ଼ ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ରେ ହାଜର କରାଇଥିଲେ। ଆଜି ବିଚାରପତି ଉକ୍ତ ମାମଲାର ରାୟ ପ୍ରକାଶ କରି ଉପୋରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ପିଡ଼ିତା ଙ୍କୁ ମଧ୍ୟବର୍ତ୍ତୀ କ୍ଷତିପୂରଣ ବାବଦକୁ ଏକ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ।

### ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୨ (ନି.ପ୍ର): ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି । ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ ଏ ସମ୍ପର୍କିତ ଫଟୋ ଶେୟାର କରିବା ସହ ଲେଖିଛନ୍ତି ଯେ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ସହ ଆତ୍ମୀୟ ସାକ୍ଷାତ ହେଲା । ରାଜସ୍ଥାନରେ ଶିକ୍ଷା, ନବାଚାର ଓ ରୋଜଗାର ସୃଜନକୁ ପ୍ରୋତ୍ସାହନ ଦେବା ସମ୍ପର୍କରେ ସାର୍ଥକ ଆଲୋଚନା ହେଲା ।

## ଝାରଖଣ୍ଡ ଉମେଶ ବ୍ରଥର୍ସ ଦଳକୁ ଟ୍ରାଇ ବ୍ରେକର୍‌ରେ ୪-୩ ଗୋଲ୍ ହରାଇ କଟକ ସ୍ପୋର୍ଟସ ହଷ୍ଟେଲ ଦଳ ଦ୍ୱିତୀୟ ସେମିରେ ପ୍ରବେଶ

ସୁବର୍ଣ୍ଣପୁର, ୨୧/୨ (ନି.ପ୍ର): ରାମଧୁନ କପ ସର୍ବ ଭାରତୀୟ ଫୁଟବଲ ଚାମ୍ପିୟନ ସିପ-୨୦୨୫ ଗାନ୍ଧୀ ଷ୍ଟାଡିୟମ ସୁବର୍ଣ୍ଣପୁର ଠାରେ ଆଜି ପୁଲ ବିର ପ୍ରଥମ ମ୍ୟାଚ ଝାରଖଣ୍ଡ ଉମେଶ ବ୍ରଦର୍ସ ଓ କଟକ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଝାରଖଣ୍ଡ ଦଳକୁ ୪-୩ ଟ୍ରାଇ ବ୍ରେକର ଗୋଲ୍ ହରାଇ କଟକ ସ୍ପୋର୍ଟସ ହଷ୍ଟେଲ ଦଳ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମି ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଓ ସମ୍ମାନିତ ଅତିଥି ଭାବରେ ସିଡିଏମ୍‌ପିଏଚ୍ ଓ ଶ୍ରୀ ପ୍ରଦୀପ କୁମାର ଗୁରୁ, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ଯୋଗଦେଇ ଖେଳକୁ ଉଦଘାଟନ କରି ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ କଟକ ସ୍ପୋର୍ଟସ ହଷ୍ଟେଲ ଦଳର ଫ୍ରାଂଚାଇଜ୍ ସଂସ୍କାର ଏଗ୍ରୋ ପ୍ରୋପାଇଟର ଲୋକନାଥ ରଥ ଓ ଝାରଖଣ୍ଡ ଉମେଶ ବ୍ରଦର୍ସ ଦଳର ଫ୍ରାଂଚାଇଜ୍ ମହାନଦୀ ଧାରା ଡାଇରେକ୍ଟର ପ୍ଲାବନ ଶତପଥି ଭେଟରାନ ଫୁଟବଲ୍ ଖେଳାଳୀ ଗୋରେଖ ନାଥ ସାହୁ, ବିରଂଚି ମହାନ୍ତି, ଗୌରୀ ଶଙ୍କର ପଣ୍ଡା, ସମାଜସେବୀ ଗତିକୃଷ୍ଣ ମିଶ୍ର, ଜିଲ୍ଲା କ୍ରିଡ଼ା ସଂଘର ଦିଗାମ୍ବର ଶତପଥି, ଆଦିତ୍ୟ କିଶୋର ଦାନି, ବି ସତ୍ୟ ନାରାୟଣ ରାଓ, ଯୋଗଦେଇ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ମୁଖ୍ୟ ରେଫରୀ ଭାବେ ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିବାବେଳେ ଫୋର୍ଥ ଅଫିସିଆଲ୍ ରାଜେଶ୍ ଥନାପତି, ପିଇଟି ଦିଲ୍ଲୀପ ରାଉତ ଓ ଦେବାଶିଷ ବାଗ ସହଯୋଗ କରିଥିଲେ। ପ୍ରବୁଦତ କୁମ୍ଭାର୍ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ କଟକ ସ୍ପୋର୍ଟସ ହଷ୍ଟେଲ ଦଳର ୧ ନମ୍ବର୍ ଖେଳାଳୀ ସଞ୍ଜୟ ହେମ୍ବ୍ରମଙ୍କୁ ପୁରସ୍କୃତ କରାଯାଇଛି। କ୍ଲବ୍ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିବାବେଳେ ମନୋରଞ୍ଜନ ତ୍ରୀପାଠୀ ଅତିଥି ସ୍ୱାଗତ କରି ଧନ୍ୟବାଦ୍ ଅର୍ପଣ କରିଥିଲେ। ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବାବେଳେ ସୁବର୍ଣ୍ଣପୁରର ସମସ୍ତ ଫୁଟବଲ ପ୍ରେମୀ ଓ ରାମଧୁନ କ୍ଲବ ମଝିପଡ଼ାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଗଞ୍ଜାମ, ୨୧/୨ (ନି.ପ୍ର): ଗଂଜାମ ଜିଲା ଭଂଜନଗର ଉପଜିଲ୍ଲାପାଳ ଭାବେ ଉମାଶଙ୍କର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାପୂର୍ବରୁ ସେ ଭଂଜନଗର ତହସିଲଦାର ରୂପେ କାର୍ଯ୍ୟରତ ଥିଲେ ।

## ଶେରଗଡ଼ ବ୍ଲକରେ କ୍ଷୁଦ୍ର ଚାଷୀଙ୍କ ପାଇଁ ମିଲର ଯନ୍ତ୍ରଣା

ଗଂଜାମ, ୨୧/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ କ୍ଷୁଦ୍ର ଚାଷୀ ମାନଙ୍କ ପାଇଁ ମିଲର ଯନ୍ତ୍ରଣା ଉକ୍ରଟ ହୋଇଥିବା ଜଣାପଡ଼ିଛି। ଏହି ବ୍ଲକ ପାଇଁ ଧାନ ମଣ୍ଡିକୁ ଧାନ ସଂଗ୍ରହ ପାଇଁ କଣଭାଗ ଗ୍ରାମର ବାବୁ ପାଣିଗ୍ରାହୀ (ମିଲର) ଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଚାଷୀଙ୍କ ଠାରୁ ବିଶେଷ କରି କ୍ଷୁଦ୍ର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନକରି ଅଧିକ ଲାଭବାନ ହେବାକୁ ବଡବଡ଼ ୍ୱଡଚାଷୀଙ୍କଠାରୁ ଶହଶହ କୁଇଣ୍ଟାଲ ଧାନ ସଂଗ୍ରହ କରୁଛନ୍ତି। କ୍ଷୁଦ୍ର ଚାଷୀ ମାନେ ଧାନ ନେବାକୁ ଅନୁରୋଧ କଲେ ସେମାନଙ୍କର ଉତ୍ତମ ମାନର ଧାନକୁ ନିମ୍ନ ମାନର ଧାନ କହି ଧାନ ନେବାକୁ ମନା କରୁଛନ୍ତି। ଯେଉଁ ଚାଷୀ କଟନୀଛଟନୀ ପାଇ ପାଂଚରୁ ସାତ କେଜି ଧାନ ଦେଉଛନ୍ତି ଏଥି ସହିତ ଦୁଇଶହ ଟଙ୍କା ଯେଉଁ କ୍ଷୁଦ୍ର ଚାଷୀ ପାଉଣା ଦେଉଛନ୍ତି ତାଙ୍କର ଧାନ ନେଉଛନ୍ତି। ତହର ଗାଁର ହୀନ ନାହାକ ଦୀର୍ଘ ୧୫ଦିନହେଲା ୯ ବସ୍ତା ବାନ୍ଧି ୍ୱାହାରେ ମଣ୍ଡିକୁ ଦେବାକୁ ରଖିଛି। ତେବେ ମିଲର ବିଭିନ୍ନ ଆଳ ଦେଖାଇ ପୂର୍ବ ସରକାରଙ୍କ ସମୟରେ ପରିପୁଷ୍ଟ ହୋଇଥିବା ଏହି ମିଲର୍ ୍ୱିଜେପି ସରକାରଙ୍କୁ ବଦନାମ କରିବାକୁ ଚାଷୀମାନଙ୍କୁ ହଇରାଣ, ହଟହଟା କରିବା ପାଇ ଧାନ ନେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

# ପ୍ରେମ ପ୍ରତାରଣା ଅଭିଯୋଗରେ ଆୟୁଷ ଡାକ୍ତର ଗିରଫ

ମାଲକାନଗିରି, ୨୧/୦୨ : (ହି.ସ.) ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସହ ପରେ ଅନ୍ୟତ୍ର ବିବାହ କରିବା ଅଭିଯୋଗରେ ବନ୍ଧା ହେଲେ ଆୟୁସ୍ ଡାକ୍ତର। ମାଲକାନଗିରି ଜିଲ୍ଲା ମୋଟୁ ଠାରେ ଆୟୁଷ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଡାକ୍ତର ଅମିତ କୁମାର ସାହୁ (୩୧) ସେଠାରେ ଜଣେ ଯୁବତୀଙ୍କୁ ଭଲ ପାଇ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀ ସହିତ ଶାରୀରିକ ସଂପର୍କ ଦୀର୍ଘ ବର୍ଷ ଧରି ରଖି ଆସିଥିଲେ, ପରେ ନିଜ ଗାଁ ନିକଟକୁ ବଦଳି ହୋଇ ଯାଇ ସେଠାରେ ଅନ୍ୟ ଏକ ଯୁବତୀକୁ ବିବାହ କରୁଥିବା ଖବର ପାଇ ପୀଡ଼ିତା ଯୁବତୀ ଡାକ୍ତରଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା, ପୁଲିସ ଟିମ ସମ୍ବଲପୁର ଯାଇ ଡାକ୍ତରଙ୍କୁ ଗିରଫ କରି ମାଲକାନଗିରିକୁ ଆଣିଛନ୍ତି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ୨୦୧୯ ମସିହାରେ ମାଲକାନଗିରି ଜିଲ୍ଲା ମୋଟୁ ଅଂଚଳରେ ଆୟୁସ୍ ଡାକ୍ତର ଭାବେ କାର୍ଯ୍ୟରତ ଥିବା ସମ୍ବଲପୁର ଜିଲ୍ଲା ଜମନକିରା ଗ୍ରାମର ଅମିତ କୁମାର ସାହୁଙ୍କ ସହ ଅଂଚଳର ଜଣେ ଯୁବତୀ ସଂସ୍ପର୍ଶରେ ଆସିଥିଲେ। ପରେ ଅମିତ ଓ ଉକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା, ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନରେ ଅନେକ ଥର ଅମିତ ଉକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ତେବେ ଏହାରି ମଧ୍ୟରେ ଯୁବତୀ ଜଣଙ୍କ ବିବାହ ପାଇଁ କହିଥିଲେ ମଧ୍ୟ ଅମିତ ଅପେକ୍ଷା କରିବାକୁ କହିବା ସହ ମାଲକାନଗିରି ଜିଲ୍ଲାରୁ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇ ଚାଲି ଯାଇଥିଲେ। ଏହାପରେ ମଧ୍ୟ ଉକ୍ତ ଯୁବତୀ ଜଣଙ୍କ ବାରମ୍ବାର ଅମିତଙ୍କୁ ଯୋଗାଯୋଗ କରି ବିବାହ ପାଇଁ ଅନୁରୋଧ କରିଥିବା ବେଳେ ଅମିତ କୌଣସି ଉତ୍ତର ଦେଇ ନଥିଲେ ଓ ବିବାହ କରିନଥିଲେ। ତେବେ ଏହାରି ମଧ୍ୟରେ ଅଭିଯୁକ୍ତ ଅମିତ ପୁଣି ମାଲକାନଗିରି ଜିଲ୍ଲାରେ ପୋଷ୍ଟିଂ ପାଇଥିବା ବେଳେ ଏହା ଜାଣି ଗତ ୨୭.୧୦.୨୦୨୪ରେ ଯୁବତୀ ଜଣଙ୍କ ଅମିତଙ୍କ ସରକାରୀ କାର୍ଯ୍ୟାଳୟକୁ ଯାଇ ବିବାହ ପାଇଁ ଅନୁରୋଧ କରିଥିଲେ। ସେଠାରେ ମଧ୍ୟ ଅଭିଯୁକ୍ତ ଅମିତ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ଗତ ୩୦.୧୦.୨୦୨୪ରେ ଅଭିଯୁକ୍ତ ଜଣକ ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କ ମଥାରେ ସିନ୍ଦୁର ଲଗାଇଥିଲେ ଏବଂ ଯୁବତୀଙ୍କ ଅଜାଣତରେ ନିଜର ବଦଳି ଅନ୍ୟତ୍ର କରି ନୂତନ ପୋଷ୍ଟିଂ ସ୍ଥାନକୁ ଚାଲିଯାଇଥିଲେ। ଏହାପରେ ଅମିତ ନିଜରର ସମସ୍ତ ମୋବାଇଲ୍ ନମ୍ବର ବଦଳାଇ ଦେଇଥିଲେ ଏବଂ ପୀଡିତାଙ୍କ ସହିତ ଯୋଗାଯୋଗ କରିନଥିଲେ। ତେବେ ଅମିତ ଗତ ୧୭.୦୨.୨୦୨୫ରେ ନିଜ ଗ୍ରାମରେ ଅନ୍ୟ ଜଣେ ଯୁବତୀଙ୍କ ସହିତ ବିବାହ କରିଥିଲେ।

# ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଂଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ପରୀକ୍ଷାର୍ଥୀ ଓ ଅଭିବାବକ ପାଇଁ ସହାୟତା କେନ୍ଦ୍ର ଉଦଘାଟିତ

ବାଲେଶ୍ୱର,୨୧/୦୨(ନି.ପ୍ର) ସଦରବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିବାବକଙ୍କ ସେବା ସହଯୋଗ ପାଇଁ ଏକ ସହାୟତାକେନ୍ଦ୍ର ସ୍ଥାନୀୟ ଶିକ୍ଷାବିତ ଭାସ୍କର ଚନ୍ଦ୍ର ବାରିକ, ବଡକିଆ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶୁଭ ଉଦଘାଟନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଠକର ଚରଣ ପାଢୀ, ସଂଗଠନର ସଭାପତି ଜଳଧର ସାମଲ, ବରିଷ୍ଠ ଉପେଦେଷ୍ଟା ବନଲତା ଦାସ, ଗେଙ୍ଗୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଦ୍ୟାର୍ଥୀ ପରିଷଦର ଉପଦେଷ୍ଟା ବିରୁପାକ୍ଷ୍ୟ ମହାପାତ୍ର, ପରିଷଦ ଉପଦେଷ୍ଟା ବନଲତା ଦାସ, ଇଂ ମନ୍ମଥ କୁମାର ବାରିକ, ଶିକ୍ଷାବିତ ନବ କୁମାର ନାୟକ, ବିଦ୍ୟାର୍ଥୀ ପରିଷଦର ଯୁବ ସଂଗଠକ ତଥା ଅଭ୍ୟୁଦୟମ୍ର ମୁଖ୍ୟ ଇଂ ସବ୍ୟସାଚୀ ପ୍ରଧାନ, ଯୁବ ଆଇନଜୀବୀ ପ୍ରଶାନ୍ତ ସାମଲ, ଜନ୍ମେଜୟ ଜେନା, ଭବେଶ ମହାନ୍ତି, ସୋମନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ କଥାରେ ଶ୍ରୀ ବାରିକ ପରିଷଦ ତରଫରୁ ଛାତ୍ରଛାତ୍ରୀଙ୍କ ପାଇଁ କଲମ, ରବର, ଜ୍ୟାମିତି ବାକ୍ସ, ପେନସିଲ, ଫାଷ୍ଟଏଡ (ଆଶୁ ଚିକିତ୍ସା) ସେବା ଓ ବିଶୁଦ୍ଧ ଜଳ,ଘୋଳଦହୀ ସେବା ବ୍ୟବସ୍ଥା ଦେଖି ଖୁସି ପ୍ରକଟ କରିବା ସହ, ଶିକ୍ଷାଦୁନିଆର ଏ ପ୍ରକାର ଅଭିନବ ପ୍ରୟାସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିବାବକ ତାପସ ସେନାପତି, ଅନନ୍ତ ପାତ୍ର, ସୁଜାତା ପରିଡା, ମାମିନା ସାମଲ, ରଞ୍ଜନ କୁମାର ଦତ୍ତ, ଶ୍ୟାମ ସୁନ୍ଦର ସାମଲ,ଶୁଶୋଭନ ବାରିକ, ରାମଚନ୍ଦ୍ର ମହାନ୍ତି,ପ୍ରମୁଖ ଉପସ୍ଥିତ ରହି ପରିଷଦର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥି ସହିତ ଅଭିଭାବକଙ୍କ ପରୀକ୍ଷା ସମୟରେ ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ପକ୍କାଘର ପରିଷଦ ତରଫରୁ ବ୍ୟବସ୍ଥା ହେଇଛି ବୋଲି ସଭାପତି ଶ୍ରୀ ସାମଲ ଘୋଷଣା କରିଥିଲେ। ଅନ୍ୟ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦିବସ ମାନଙ୍କରେ ଏଭଳି ସେବା, ସହଯୋଗ ବଜାଇ ରହିବ ବୋଲି ପରିଷଦର ସଂପାଦକ ମାନବାଧିକାର କର୍ମୀ ସୁଧାକର ସେଠୀ ଜଣାଇଛନ୍ତି। ଆଜିର ଶିଶୁ କାଲିର ଭବିଷ୍ୟତ ସେମାନଙ୍କ ବିକାଶ ପାଇଁ ସମସ୍ତ ପ୍ରକାର ସେବା ପ୍ରଦାନ ପାଇଁ ସଂଗଠନ ପ୍ରତଶୃତି ବଦ୍ଧ ବୋଲି ମଧ୍ୟ ଜଣାଇଛନ୍ତି। ପରୀକ୍ଷା କେନ୍ଦ୍ରଠାରୁ ୪୦୦ମିଟରରୁ ଅଧିକା ଦୁରତାରେ ହେଲେ ମଧ୍ୟ ହେଲ୍ପ ଡେସ୍କଟିରେ ଅଭିଭାବକ ମାନଙ୍କ ଭିଡ ଦେଖା ଯାଇଥିଲା। ପରିଷଦର ଯୁବ କର୍ମକର୍ତ୍ତା ଜୟଶ୍ରୀ ରାଉତ, ଶୁଭ୍ରାଂଶୁ ରାଉତ ଏବଂ ମନମୋହିନୀ ଆଚାର୍ଯ୍ୟ, ରଶ୍ମି ରଂଜନ ଜେନା ପ୍ରମୁଖ ହେଲ୍ପ ଡେସ୍କରେ ରହି ସମସ୍ତ ସେବା ସହଯୋଗ ପ୍ରଦାନ କରିଥିଲେ




## ନାମ ପରିବର୍ତ୍ତନ

ମୁଁ, ଦୀପ୍ତିଲତା ପାତ୍ର, ସ୍ୱାମୀ-ଗଣେଶ୍ୱର ବେହେରା, ଗ୍ରା-କାକୁଡିପାଳ, ପୋ-ଗରଡିହି, ପିଏସ୍-ବରହମପୁର, ଜିଲ୍ଲା-ବାଲେଶ୍ୱର । କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ନୀଳଗିରି ନମ୍ବର - ୪୫ଙ୍କ ସମ୍ମୁଖରେ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୁଁ ମୋ ଝିଅର ଆଧାର କାର୍ଡ ନମ୍ବର ୯୪୩୦୭୩୨୧୫୬୭୬ ଭୁଲ ଭାବରେ ତାଙ୍କର ନାମ ଏବଂ ଠିକଣା ଦୀପିକା ରାଉତ, ମାତାଙ୍କ ନାମ ନମିତା ରାଉତ ଗ୍ରା-ଯୁଧିଷ୍ଠିରପୁର, ପୋ-ସାରଗାଁ, ପିଏସ୍-ସଦର ଉଲ୍ଲେଖ କରାଯାଇଛି । ମାତ୍ର ମୁଁ ଏହାର ସଂଶୋଧନ କରିବାକୁ ଚାହୁଁଛି। ତାହାହେଲା,ଆଲିଶା ଏଷମା ବେହେରା, ମାତାଙ୍କ ନାମ ଦୀପ୍ତିଲତା ପାତ୍ର, ଗ୍ରା-କାକୁଡିପାଳ, ପୋ-ଗରଡିହି, ପିଏସ୍-ବରହମପୁର, ଜିଲ୍ଲା-ବାଲେଶ୍ୱର, ପିନ୍-୭୫୬୦୪୧ । ସେହିପରି ତାଙ୍କ ଜନ୍ମ ପ୍ରମାଣପତ୍ର ରେଜିଷ୍ଟ୍ରେସନ ନମ୍ବର - ୧୬୫୧/୨୦୧୭ ଅନୁସାରେ 'ଏବେଠାରୁ ସମସ୍ତ ଉଦ୍ଦେଶ୍ୟ ପାଇଁ ଆଲିଶା ଏସମା ବେହେରା ନାମରେ କାର୍ଯ୍ୟକାରୀ ହେବ ଏବଂ ସେ ଆଲିଶା ଏସମା ବେହେରା ନାମରେ ପରିଚିତ ହେବ।

– ଦୀପ୍ତିଲତା ପାତ୍ର

## AFFIDAVIT

I,Diptilata patra w/o-ganeswar Behera of, vill-kakudipal,po-garadihi ps-Berhampur,dist -balasore declare by affidavit before Executive magistrate nilagiri no -45 on 08/01/2025,I want to correction of my daughters adhaar card no 943073215676 wrongly mentioned her name & address as Deepika rout,mothers name Namita rout at-judhistirpur,po-saragan,ps-sadar instead of Alisha eshma Behera mothers name diptilata patra at-kakudipal ,po-garadihi,p.s-Berhampur,dist-balasore pin-756041 accordingly to her birth certificate redg no-1651/ 2017"henceforth I am known as Alisha eshma Behera for all purposes

**Diptilata patra**

# ରାୟାଁରାମଚନ୍ଦ୍ରପୁର ଓ କୋଟସାହି ପଂଚାୟତବାସୀଙ୍କ ଆନୁକୁଲ୍ୟରେ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଓ ଲୋକ ମହୋତ୍ସବର ଭୂମିପୂଜା ଓ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର,୨୧/୨(ନି.ପ୍ର) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ଓ କୋଟସାହି ପଞ୍ଚାୟତ ବାସୀଙ୍କ ଆନୁକୁଲ୍ୟରେ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଓ ଲୋକ ମହୋତ୍ସବର ଭୂମି ପୂଜା ଓ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନରେ ଜମାଲପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ।କମିଟିର ସଦସ୍ୟ ମଧୁସୂଦନ ସେନାପତିଙ୍କ ପୌରହିତ୍ୟରେ ପରମାନନ୍ଦ ପରିଡ଼ା,ବିଭୂତି ଭୂଷଣ କାନନଗୋ,ଖଗେନ୍ଦ୍ର ନାଥ ସାହୁ, ନନିଗୋପାଳ ଦାସ,ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ଜେନା,ସରପଞ୍ଚ ସୁଭସ୍ମିତା ଦାସ,ସମିତି ସଭ୍ୟା ତଥା ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି,ନାଏବ ସରପଞ୍ଚ ବିବେକାନନ୍ଦ ସାହୁ,ପୂଜକ ପଣ୍ଡିତ ମୃତ୍ୟୁଞ୍ଜୟ ନନ୍ଦ,ଅଧିର କୁମାର ପ୍ରମାଣିକ,ବିନୋଦ କୁମାର ଗିରି,ଅଶୋକ କୁମାର ପରିଡ଼ା,ସୁରେଶ ଚନ୍ଦ୍ର ଜେନା,ବିଦୁ ଭୂଷଣ କାନନଗୋ,ଲକ୍ଷ୍ମୀଧର ସାହୁ,ଗିରିଜା ଶଙ୍କର ପ୍ରଧାନ,ରାଧାଶ୍ୟାମ ନାଥ,ରବିନ୍ଦ୍ର ନନ୍ଦି,ତପନ କୁମାର ପରିଡ଼ା,ସପନ କୁମାର ଦାସ,କମଳ କୁମାର ପରିଡ଼ା,ଅନ୍ତର୍ଯ୍ୟାମୀ ପାତ୍ର,ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଦୁଇ ପଞ୍ଚାୟତର ମିଳିତ ଆନୁକୁଲ୍ୟରେ ୩୨ ବେଶ ଓ ଲୋକ ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୪ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।ଉକ୍ତ କାର୍ଯ୍ୟକ୍ରମରେ ବହୁ ଜଗନ୍ନାଥଙ୍କ ବିଷୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆ ଯାଇଛି ।ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଉକ୍ତ ଖେଳ ପଡ଼ିଆରେ କମିଟି ପକ୍ଷରୁ ପଣ୍ଡିତ ମୃତ୍ୟୁଞ୍ଜୟ ନନ୍ଦଙ୍କ ଦ୍ୱାରା ପୂଜାପାଠ ପୂର୍ବକ ଭୂମି ପୂଜନ ହେବା ସହିତ କମିଟିର ସଦସ୍ୟ ଗିରିଜା ଶଙ୍କର ପ୍ରଧାନ ସଂକଳ୍ପ ହୋଇଥିଲେ। ସାମରାଇପୁର ଗ୍ରାମର ମୂର୍ତ୍ତିକାର ସୁକୁମାର ପାଳ ଜଗନ୍ନାଥ ବେଶ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଖପରାପଦାର ସୁବାସ ଚନ୍ଦ୍ର ଦେ ଲାଇଟ୍ ଦ୍ୱାରା ଲୋକଙ୍କୁ ଆକୃଷ୍ଟ କରିବେ ଓ ଗୋବରଘାଟାର ଗୌତମ ପ୍ରଧାନ ଡେକୋରେଟର ଭାବେ ସୁନ୍ଦର ଭାବେ ସାଜସଜ୍ଜା କରିବେ ବୋଲି କମିଟି ପକ୍ଷରୁ କୁହା ଯାଇଛି ।ଉକ୍ତ ୩୨ ବେଶରେ ଅଧିକରୁ ଅଧିକ ଲୋକ ଉପସ୍ଥିତ ହୋଇ ଜଗନ୍ନାଥଙ୍କୁ ଦର୍ଶନ କରି ପାରିବେ ସେଥିପାଇଁ ସାମ୍ବାଦିକ ମାନଙ୍କୁ ପ୍ରଚାର ପ୍ରସାର ନିମନ୍ତେ ଅନୁରୋଧ କରିଥିଲେ।

# ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା




ବାସୁଦେବପୁର, ୨୧/୦୨ : (ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର +୩ ଶାସ୍ତ୍ରୀ ତୃତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। କବି ଓ ସମାଜସେବୀ ପୀତାମ୍ବର ନାୟକ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସସ୍ମିତା ପଲାଇ, ରଶ୍ମିତା ପଣ୍ଡା, ଅଧ୍ୟାପକ ବ୍ରଜ ମୋହନ ଦାଶ, ଅଧ୍ୟାପିକା ସସ୍ମିତା ଦାଶ, ଅଧ୍ୟାପିକା କାନ୍ତା ରାଣୀ ଦାସ ପ୍ରମୁଖ ବରେଣ୍ୟ ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ ବକ୍ତବ୍ୟ ରଖିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଅଧ୍ୟାପିକା ମଞ୍ଜୁଳ ପ୍ରଭା ପଣ୍ଡା ବେଦ ପାଠ କରିଥିଲେ ଓ ଅତିଥି ଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣ ପ୍ରଭା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ଦୀପକ କୁମାର ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅଧ୍ୟାପକ ଅଧ୍ୟାପିକା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର **TRD-KGP-W-2024- 25-22** ତାରିଖ ୨୦.୦୨.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର/ **TRD**/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫:୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ହଳଦୀପଦା ଏବଂ ବାଲେଶ୍ୱର ସେକ୍ସନ ମଧ୍ୟରେ କିମି ୨୨୮/୨୧ ରୁ କିମି ୨୨୯/୯ ରେ କର୍ଭ ନମ୍ବର **03UP** ଲାଇନର ପୁନଃସଂରକ୍ଷଣ।
ଟେଣ୍ଡର ମୂଲ୍ୟ: ୩୩,୭୮,୯୪୨.୦୫। **EMD: 67,600/-**। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: କୌଣସି ନାହିଁ। ଖୋଲିବାର ତାରିଖ: ୧୮.୦୩.୨୦୨୫। ସମାପ୍ତି ଅବଧି: ୦୬ ମାସ। ଦାଖଲ ତାରିଖ: ୧୮.୦୩.୨୦୨୫ ର ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR-1165)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭେଣ୍ଡିଆ ନେଉଥିଲେ ବାର୍ଦ୍ଧକ୍ୟ ଭତ୍ତା...

ଯାଜପୁର ଜିଲ୍ଲା କେମିତି ଦୁର୍ନୀତିର ପେଣ୍ଡସ୍ଥଳ ପାଲଟିଥିଲା, ଗୋଟିଏ ପରେ ଗୋଟିଏ ତଥ୍ୟ ତାହାକୁ ପଦାରେ ପକାଉଛି। ପ୍ରଥମେ ହଜାର ହଜାର ଅଯୋଗ୍ୟ ହିତାଧିକାରୀ ରାସନକାର୍ଡ ହାତେଇଥିବା ସାମନାକୁ ଆସିଥିଲା। ଆଉ ଏବେ ଏତେ ସଂଖ୍ୟାରେ ଭେଣ୍ଡିଆ ବାର୍ଦ୍ଧକ୍ୟ ଭତ୍ତା ନେଉଥିବାର ତଥ୍ୟ କେଳେଙ୍କାରୀକୁ ପଦାରେ ପକାଇଛି। ତେବେ ଏଥିପାଇଁ ପୂର୍ବର ବିଜେଡି ସରକାର ଓ ସ୍ଥାନୀୟ ବିଜେଡି ନେତାଙ୍କୁ ବିଜେପି ଦାୟୀ କରିଥିବାବେଳେ ଜବାବ ରଖିଛନ୍ତି ବିଜୁ ଜନତା ଦଳ ବିଧାୟକ। ବଡ କଥା ହେଉଛି, ଏବେ ବି ହଜାର ହଜାର ଯୋଗ୍ୟ ବୟସ୍କ ଲୋକ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଆବେଦନ କରି ଅପେକ୍ଷା କରିଛନ୍ତି। କିନ୍ତୁ ଅନ୍ୟପଟେ ଏତେ ସଂଖ୍ୟାରେ ଅଯୋଗ୍ୟ ହିତାଧିକାରୀ କେମିତି ଜାଲିଆତି କରି ଭତ୍ତା ପାଇଲେ ତାର ତଦନ୍ତ ହେବା ପାଇଁ ଦାବି ହେଉଛି। ରାଜ୍ୟରେ ତିନିଟି ଜିଲ୍ଲାରେ ମୋଟ୍ ୯୬୦ ଜଣ ଜାଲିଆତି କରି ଉଭୟ ମଦୁବାବୁ ପେନ୍ସନ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ଟଙ୍କା ଉଠାଇ ନେଇଛନ୍ତି । ଏହି ତିନି ଜିଲ୍ଲା ମଧ୍ୟରୁ ସର୍ବାଧିକ ଜାଲ୍ ଭତ୍ତାଧାରୀ ଯାଜପୁର ଜିଲ୍ଲାରେ ରହିଛନ୍ତି । ଭତ୍ତା ଜାଲିଆତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଶ୍ରୀ ଗଣ୍ଡ କହିଛନ୍ତି ଯେ ରାଜ୍ୟର ତିନିଟି ଜିଲ୍ଲା ଯଥା ଯାଜପୁର, କେନ୍ଦ୍ରାପଡା ଓ ପୁରୀରେ ଭତ୍ତା ଜାଲଆତି ହୋଇଥିବାର ଦୃଷ୍ଟିକୁ ଆସିଛି । ମୋଟ୍ ୯୬୦ ଭତ୍ତା ଜାଲିଆତିରୁ ସର୍ବାଧିକ ୮୯୪ ଜଣ ରହିଛନ୍ତି ଯାଜପୁର ଜିଲ୍ଲାରେ । ଏହା ପଛକୁ କେନ୍ଦ୍ରାପଡା ଜିଲ୍ଲାରେ ୬୫ଜଣ ଜାଲ୍ ଭତ୍ତାଧାରୀ ଚିହ୍ନଟ ହୋଇଥିବାବେଳେ ପୁରୀ ଜିଲ୍ଲାରେ ଜଣେ ଚିହ୍ନଟ ହୋଇଛନ୍ତି ।
ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଯେଉଁ ଅଧିକାରୀମାନେ ଜାଲିଆତି କରି ସାମାଜିକ ସୁରକ୍ଷା ଭତ୍ତା ହାତେଇଥିବା ହିତାଧିକାରୀମାନଙ୍କୁ ସହଯୋଗ କରିଛନ୍ତି ତାହା ନଜରକୁ ଆସିଛି । ସରକାର ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

### ସୋଲ ଲିଡରସିପ୍ କନକ୍ଲେଭର...

ପ୍ରତି କ୍ଷେତ୍ରରେ ଭଲ ଲିଡର୍ଓଙ୍କ ଡେଭଲପମେଂଟ ବହୁତ ଜରୁରୀ ଅଟେ ଏବଂ ସମୟର ମଧ୍ୟ ଦାବି ଅଟେ । ଏଥିପାଇଁ ସୋଲର ସ୍ଥାପନା ବିକଶିତ ଭାରତର ବିକାଶ ଯାତ୍ରାରେ ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଓ ବଡ ପଦକ୍ଷେପ ଅଟେ । ସୋଲ ଲିଡରସିପ କନକ୍ଲେଭର ମୁଖ୍ୟ ଅତିଥି ଭୁଟାନର ପ୍ରଧାନମନ୍ତ୍ରୀ ଶେରିଂଗ ତୋବଗେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଯିଏକି ମୋର ବଡ ଭାଇ, ଯେତେବେଳେ ମୋତେ ଆପଣଙ୍କୁ ମିଳିବାର ସୁଯୋଗ ମିଳିଥାଏ, ମୁଁ ଖୁସିରେ ନାଚି ଉଠିଥାଏ । ଯେତେବେଳେ ବି ମୁଁ ଆପଣଙ୍କୁ ଭେଟିଥାଏ, ମୁଁ ଜଣେ ଲୋକ ସେବକ ଭାବେ ଆହୁରି ଅଧିକ ପରିଶ୍ରମ କରିବାକୁ ପ୍ରେରିତ ହୋଇଥାଏ ।

### ମାର୍ଚ୍ଚ ୮ରେ ପ୍ରଥମ ରାଷ୍ଟ୍ରୀୟ ...

ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ବ୍ୟାଙ୍କ୍ ଋଣ ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ମକଦ୍ଦମା ଇତ୍ୟାଦିର ଆପୋଷ ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଁଇ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ । ଦିର୍ଘଦିନ ଧରି ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଭୁବନେଶ୍ୱର ଏବଂ ତାଲୁକ ଆଇନ ସେବା କମିଟି ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା ଓ ବେଗୁନିଆ ଏବଂ ଗ୍ରାମ ନ୍ୟାୟାଳୟ ଗଂଗୀ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଉଛି।

# ଲକ୍ଷ୍ନୌ ଆଦର୍ଶ ଜେଲ୍ର କଏଦୀମାନେ ମହାକୁମ୍ଭରୁ ଅଣାଯାଇଥିବା ସଂଗମ ଜଳରେ କଲେ ସ୍ନାନ

ଲକ୍ଷ୍ନୌ, ୨୧/୦୨ : - ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ସ୍ଥିତ ଆଦର୍ଶ କାରାଗାରର କଏଦୀମାନେ ମହାକୁମ୍ଭରୁ ଅଣାଯାଇଥିବା ସଂଗମ ଜଳରେ ଶୁକ୍ରବାର ସ୍ନାନ କରିଛନ୍ତି । ରାଜ୍ୟର କାରାଗାର ମନ୍ତ୍ରୀ ଦାରାସିଂହ ଚୌହାନଙ୍କ ନିର୍ଦ୍ଦେଶ କ୍ରମେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କାରାଗାର ମନ୍ତ୍ରୀ ଶ୍ରୀ ଚୌହାନ ଆଦର୍ଶ କାରାଗାରରେ ନିଜ ହାତରେ ସଙ୍ଗମ ଜଳର କଳସକୁ ଏକ ବଡ ପାତ୍ରରେ ଢ଼ାଳି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବନ୍ଦୀ ମାନଙ୍କ ଧାର୍ମିକ ଭାବନା ଏବଂ ଆସ୍ଥାର ସମ୍ମାନ ନିମନ୍ତେ ଏହି ପଦକ୍ଷେପ ନେଇଛନ୍ତି । ରାଜ୍ୟର ସମସ୍ତ ଜେଲ୍ ରେ କଏଦୀ ମାନଙ୍କୁ ସଙ୍ଗମର ପବିତ୍ର ଜଳରେ ଜେଲ୍ ଭିତରେ ହିଁ ସ୍ନାନ କରାଇବେ । କଏଦୀ ମାନେ ପୂଣ୍ୟ ପ୍ରାପ୍ତିରୁ ବଂଚିତ ହେବେ ନାହିଁ । ସେମାନଙ୍କର ଧାର୍ମିକ ଭାବନାକୁ ଆମେ ସମ୍ମାନ ଜଣାଉଛୁ ।

ପରିପତ୍ର ସଂଖ୍ୟା.୯୯୭ ତା.୧୯.୦୨.୨୦୨୫ରିଖ

ଏତଦଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମ (୩ବର୍ଷ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାଇ ଆବେଦନ ସମୟ ସୀମା ତା :୨୧.୦୨.୨୦୨୫ ରିଖ ରୁ ତା: ୦୬.୦୩.୨୦୨୫ ରିଖ ସମୟ ୦୫:୦୦ ଘଟିକା ପର୍ଯ୍ୟନ୍ତ ରଖାଯାଇ ଅଛି ।ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା: ୨୧.୦୨.୨୦୨୫ ରିଖ ଠାରୁ ତା: ୦୬.୦୩.୨୦୨୫ ରିଖ ମଧ୍ୟରେ ପୌର ପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମକ୍ରୟ କରି ଅପରାହ୍ନ ୦୫:୦୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୦୭।୦୩।୨୦୨୫ ରିଖ ସକାଳ୧୧:୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ ।

(Can also be Obtained in detail from Govt Website-http://balasore.odisha.gov.in)

**Executive Officer**
**Balasore Mincipality**

OIPR : 13154/11/0029/2425

## ବାଲେଶ୍ୱର ଟାଉନହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

ରେଜିଷ୍ଟ୍ରେସନ ନଂ ୧୫୭ବି, ଏଲ, ତା ୨୩.୦୫.୧୯୫୫ ରିଖ

ମିର୍ଜାପୋଖରୀ ଲେନ, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩
ଫୋନ(୦୬୭୮୨) ୨୪୦୯୮୪, (ମୋ) ୯୩୩୭୨୨୬୭୨୮
mail id : bthctcs@gmail.com

## ୨୦୨୪-୨୫ ବର୍ଷର ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନଂ-୧୫୦ ତା ୨୧/୦୨/୨୦୨୫ରିଖ

ଏତଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃର ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ (ନାମମାତ୍ର ସଭ୍ୟ/ ସଭ୍ୟାମାନଙ୍କ ବ୍ୟତୀତ) ଅବଗତ କରାଯାଉଛି କି ସମିତିର ସ୍ମ୨୦୨୪-୨୦୨୫ ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ତା ୦୮/୦୩/ ୨୦୨୫ ରିଖ ଶନିବାର ଦିବା ୯ ଘଟିକା ୩୦ ମିନିଟ ସମୟରେ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।

ଏଣୁ ଅନୁରୋଧ, ଆପଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ ।

କାର୍ଯ୍ୟସୂଚୀ :

୧– ପୂର୍ବ ସାଧାରଣ ସଭା ତା ୨୪/୦୨/ ୨୦୨୪ ରିଖର ବିବରଣୀ ପଠନ ଓ ଦୃଢୀକରଣ ।
୨– ସଭାପତିଙ୍କ ଅଭିଭାଷଣ ।
୩– ସମିତିର ସ୍ମ ୨୦୨୩-୨୪ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୪– ସମିତିର ସ୍ମ ୨୦୨୫-୨୬ ବର୍ଷର ପରିଚାଳନା ପରିଷଦଙ୍କ ଦ୍ୱାରା ଗୃହୀତ ସମିତିର ବ୍ୟବସାୟିକ ଯୋଜନା ଓ ବଜେଟ ଅଟକଳ ପଠନ ଓ ଅନୁମୋଦନ ।
୫– ସ୍ମ ୨୦୨୪-୨୫ ବର୍ଷର (ତା ୦୧/୦୪/୨୦୨୪ରିଖରୁ ତା ୩୧/୦୧/୨୦୨୫) ରିଖ ପର୍ଯ୍ୟନ୍ତ ଜମା ଖର୍ଚ୍ଚ ଉପରେ ଆଲୋଚନ ଓ ଅନୁମୋଦନ ।
୬– ଅନ୍ୟାନ୍ୟ ( ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମତିକ୍ରମେ
**ସ୍ୱା- ଶ୍ରୀ ଗୌରହରି ମିଶ୍ର**
ସମ୍ପାଦକ
ତା ୨୧-୦୨-୨୦୨୫
ବାଲେଶ୍ୱର ଟାଉନହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାରିପଦା ଛଉ ପଡିଆରେ ଚାଲିଛି ଭାରତୀୟ ହେଣ୍ଡିକ୍ରାଫ୍ଟ ହେଣ୍ଡଲୁମ ମେଳା

ବାରିପଦା,୨୧।୦୨(ନି.ପ୍ର): ବାରିପଦାର ଐତିହାସିକ ଛଉ ପଡିଆରେ ଭାରତୀୟ ହେଣ୍ଡିକ୍ରାଫ୍ଟ ହେଣ୍ଡଲୁମ ମେଳା ଚାଲିଛି. ଏଠାରେ ବିଭିନ୍ନ ରାଜ୍ୟର ହେଣ୍ଡିକ୍ରାଫ୍ଟ ଏବଂ ହେଣ୍ଡଲୁମ ଦ୍ରବ୍ୟ ଯେପରି ସମ୍ବଲପୁରୀ ଶାଢୀ, ବନାରସୀ ଶାଢୀ, ଗୁଜୁରାଟୀ ବାନ୍ଧିନୀ ଶାଢୀ, ୱେଷ୍ଟବେଙ୍ଗଲ ଫ୍ଲାୱାର ଫେନସି ଶାଢୀ, ମିରଟ ଖଦୀ, ରାଜସ୍ଥାନ ବେଡସିଟ୍, କାନପୁର ଜୋତା, ବମ୍ବେ ଫେନସି ଚପଲ, ରାଜସ୍ଥାନ କୁର୍ତ୍ତି ଓ ଚୁଡି, କାଶ୍ମୀର ସାଲ, ଲକ୍ଷ୍ନୌ ଚିକେନ, ମୁମ୍ବାଇ ଫ୍ୟାନସି ବ୍ୟାଗ, କନ୍ଧମାଳ ହଳଦୀ, ବ୍ରହ୍ମପୁର ଆଚାର, ଓଡିଶା ବିଖ୍ୟାତ ଦରଦ ନାଶକ କୋଚିଲା ତୈଳ, ଫିଜିଓଥୋରାପି ହେଲଥ ମେସିନ, ଜୁସର, ଭେଜିଟେବୁଲ କଟର, ଆକ୍ୟୁପ୍ରେସର, ଶାହାରଙ୍ଗପୁର ଫର୍ନିଚର, ଚିନାମାଟି କପ ଓ ପ୍ଲେଟ ଇତ୍ୟାଦି ସହ ପିଲାଙ୍କ ମନୋରଞ୍ଜନ ପାଇଁ ମିନା ବଜାର ଏବଂ ଖାଦ୍ୟ ମେଳା ମଧ ଖୋଲିଛି. ତେବେ ଗୋଟିଏ ଛାତ ତଳେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ବସ୍ତ୍ର ସହ ଘରକରଣା ଜିନିଷ ମିଳୁ ଥିବାରୁ ସନ୍ଧ୍ୟାରେ ବେଶ ଭିଡ଼ ପରି ଲକ୍ଷିତ ହେଉଛି.



# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା - ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର,୨୧।୦୨(ନି.ପ୍ର): ଚଳିତ ଫେବୃଆରୀ ୨୭ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା - ୨୦୨୫ ରେ ବାଲେଶ୍ୱର ଠାରୁ ଶିରଡ଼ି ପର୍ଯ୍ୟନ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଦିବା ଘ ୧୧ ଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଅମ୍ଳାନ କୁମାର ନାୟକ ବୈଠକରେ ଉପସ୍ଥିତ ପଦାଧିକାରୀଙ୍କୁ ସ୍ୱାଗତ କରିବା ପରେ ଜିଲ୍ଲାପାଳ ଶ୍ରୀ ବିକାଶ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ବରିଷ୍ଠ ନାଗରିକଙ୍କ ପାଇଁ ସରକାରୀ ଯୋଜନାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା କାର୍ଯ୍ୟକାରୀ ରହିଛି ବୋଲି ମତପ୍ରକାଶ କରିଥିଲେ । ଏହି ଯୋଜନାରେ ୫ ଗୋଟି ଜିଲ୍ଲା ବାଲେଶ୍ୱର ସମେତ ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର ଜିଲ୍ଲାରୁ ମୋଟ ୮୦୦ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ପାଇଁ ବିବେଚିତ ହୋଇଛନ୍ତି । ଚଳିତ ମାସ ୨୬ ତାରିଖ ସମସ୍ତ ଯୋଗ୍ୟ ତାଲିକାଭୁକ୍ତ ଯାତ୍ରୀଙ୍କୁ ସମ୍ପୃକ୍ତ ଅଂଚଳର ନୋଡାଲ ଅଫିସର ବାଲେଶ୍ୱର ପଦ୍ମାବତୀ ୱାଟର ପାର୍କ ଠାରେ ପହଞ୍ଚାଇବା ସହିତ ଉଦ୍ଦିଷ୍ଟ କାଉଣ୍ଟରରେ ନାମ ପଞ୍ଜିକରଣରେ ନିଜର ସମସ୍ତ ଠିକଣା, ଫୋନ ନମ୍ବର , ସମ୍ପର୍କୀୟଙ୍କ ଫୋନ ନମ୍ବର ଜରୁରୀ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କୁ ଅବଗତ କରିଥିଲେ । ପଦ୍ମାବତୀ ୱାଟର ପାର୍କ ଠାରେ ଯାତ୍ରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା, ଖାଦ୍ୟ ପାନୀୟଠାରୁ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯିବା, ରହଣି ସମୟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତଙ୍କ ସହଯାଗ କାମନା କରିବା ସହିତ ନୋଡାଲ ଅଫିସର ତଥା ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ ଏବଂ ସମସ୍ତ କାର୍ଯ୍ୟକ୍ରମର ସଂଯୋଜକ ଭାବେ ସହକାରୀ ଜିଲ୍ଲାପାଳ ତଥା ପର୍ଯ୍ୟଟନ ଅଧିକାରୀ ଶ୍ରୀ ନାୟକଙ୍କୁ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି । ଅନ୍ୟମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ ।




# ବିଭିନ୍ନ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ବାସୁଦେବପୁର, ୨୧/୦୨ : (ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ସଭାପତିତ୍ୱ କରିଥିଲେ । ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା,ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା, ଉପ ସଭାପତି ଆରତି ମହାପାତ୍ର, ଶିକ୍ଷକ ହରେକୃଷ୍ଣ ମହାରଣା, ପ୍ରଶାନ୍ତ କୁମାର ପାଢୀ, କନକ ଲତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ମାତୃଭାଷାର ସୁରକ୍ଷା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ କବିତା ଆବୃତ୍ତି, ବକ୍ତୃତା , ଡିବେଟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଶିକ୍ଷୟତ୍ରୀ ଆରତି ଲତା ଧର, ଆରତୀ ନାୟକ, ସସ୍ମିତା ବାରିକ୍, ସବିତା ମଣ୍ଡଳ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଆମ ମାତୃଭାଷା ଆମ ପାଇଁ ମହାନ୍ । କବି ଓ ଲେଖକ ଙ୍କ ସମ୍ପର୍କରେ ସାହିତ୍ୟ କୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନୀ ହୋଇଥିଲା । ଶିକ୍ଷକ ଦୟାନିଧି ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷୟତ୍ରୀ ମୀନତି ଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଭାବେ ବରଣ୍ଡୁଆ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବିଜ୍ଞାନ ଶିକ୍ଷକ ଜୟନ୍ତ ସିଂ ସଭାପତିତ୍ୱ କରିଥିଲେ । କବି ଓ ଶିକ୍ଷକ ଅଭିମନ୍ୟୁ ସାହୁ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ମାତୃଭାଷାର ଉନ୍ନତି ପାଇଁ ଆମେ ସଦା ସର୍ବଦା ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଶ୍ରୀକାନ୍ତ ପାକଳ, ଶଶିକାନ୍ତ ମହାନ୍ତି, ଦିବାକର ସେଣ୍ଡ, ଶିକ୍ଷୟତ୍ରୀ ସୀତାମଣି ପଣ୍ଡା, କୁନ୍ତଳା ନାୟକ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ପ୍ରଜ୍ଞା ପାରମିତା ସାହୁ ପ୍ରମୁଖ ଆନ୍ତର୍ଜାତୀୟ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । ସମସ୍ତ ଛାତ୍ର ଛାତ୍ରୀ କବିତା ପାଠ କରିଥିଲେ । ସେହିପରି ଭାବେ ଲକ୍ଷ୍ମୀ ଦାସପୁର ପଂଚାୟତର ଷଣ୍ଡଗଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି ।



## ୩ହଜାର ଲିଟର ଦେଶୀବିଦେଶୀ ମଦ ଜବତ, ୪କୋର୍ଟ ଚାଲାଣ



ଖଇରା,୨୧।୦୨(ନି.ପ୍ର):ଜିଲା ମୋବାଇଲ ସ୍କାର୍ଡ ପକ୍ଷରୁ ଶୁକ୍ରବାର ଖଇରା ଥାନା ଅଧୀନରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ହଜାର ଲିଟରରୁ ଉର୍ଦ୍ଧ ଦେଶୀବିଦେଶୀ ମଦ ଜବତ କରାଯାଇଥିବା ବେଳେ ମଦବିକ୍ରୀ ସହ ସଂପୃକ୍ତ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ଅଚ୍ୟୁତପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ,ନଟାପଡା ଗ୍ରାମର ଗଣେଷ ପ୍ରସାଦ ବେହେରା,ବରପଦା ଗ୍ରାମର ଜଗମୋହନ ପାତ୍ର ଓ ବାଉଁଶଗଡିଆ ଗ୍ରାମର ଲେପ ମାଝୀ । ଜବତ ମଦ ମଧ୍ୟରେ ଡଗରପଡା ଅଞ୍ଚଳରୁ ସର୍ବାଧିକ ୨ହଜାର୫ଶହ ଲିଟର ପୋଚ ଓ ୩୫୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଅବକାରୀ ଇନ୍ସପେକ୍ଟର ହରିହର ସିଂ ଓ ଖଇରା ଅବକାରୀଥାନା ଅଧିକାରୀ ସୁରଜ କୁମାର ଟିଗା ଏହି ଚଢାଉର ନେତୃତ୍ୱ ନେଇଥିଲେ ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ବେତନଟୀ,୨୧।୦୨(ନି.ପ୍ର): ବେତନଟୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବବିହାର ପରିସରରେ ଆଜି ଅନ୍ତର୍ଜାତୀୟ ମାତୃଭାଷା ପାଳିତ ହୋଇଯାଇଛି ।ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ପ୍ରକାଶ ବେହେରା,ସଭାପତି ମାନନୀୟ ଶ୍ରୀଯୁକ୍ତ ସତୀଶ କୁମାର ସାହୁ,କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଅଞ୍ଜନ କୁମାର ଜେନା,ଉପସଭାପତି ମନରଞ୍ଜନ ଦାସ,ସଦସ୍ୟା ଶ୍ରୀମତୀ ରଞ୍ଜିତା କର ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗରେ ଆଗେଇ ନେଇଥିଲେ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ନିଜ ଜୀବନଶୈଳୀରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରଖିଥିଲେ ।



# ଦୁଧହଂସା ସତ୍ୟସାଇ ଭଜନ ମଣ୍ଡଳୀର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ

ବସ୍ତା, ୨୧।୨(ନିପ୍ର)ବସ୍ତାବ୍ଲକ ଦୁଧହଂସା ପଞ୍ଚାୟତଦୁଧହଂସା ସତ୍ୟସାଇ ଭଜନ ମଣ୍ଡଳି ସତ୍ୟସାଇଙ୍କ ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଅକ୍ଷୟକୁମାର ପାଣି । ମୂଖ୍ୟ ଅତିଥିଭାବେ ଜିଲ୍ଲା ସମିତି ଆବାହକ ସୁକାନ୍ତ କୁମାରଦାସ.ମୂଖ୍ୟବକ୍ତା ଡ ରମାକାନ୍ତ ନାୟକ ସମ୍ମାନୀତ ଅତିଥି ରାଧାପ୍ରଣତୀ ଦାସ.ସଂଯୋଜକ ଦୟାଲ ମହାନ୍ତି. ରେମୁଣା ରୁ ଦେବାଶିଷ ମହାନ୍ତି. ସାନଖୁଡି ଭଜନ ମଣ୍ଡଳୀର ଆବାହକ ଗୋପାଳଚନ୍ଦ୍ର ଦାସ. ଉପସ୍ଥିତରହି ସତ୍ୟସାଇଁ ବାବାଙ୍କର ଗୁଣାବଳି ବର୍ଣ୍ଣନା କରିଥିଲେ । ପ୍ରଥମେ ପ୍ରଭାତ ଫେରି ନଗର କିର୍ତ୍ତନ ଭଜନ ଭକ୍ତ ମାନେ ପରିବେଷଣ କରିଥିଲେ । ଦୁଧହଂସା ସତ୍ୟସାଇ ଭଜନ ମଣ୍ଡଳିର ବୈକୁଣ୍ଠ ବିଶ୍ୱାଳ.ଟିକିନ ବିଶ୍ୱାଳ ସମେତ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତରହି ଥିଲେ ।



# ଶତାୟୁ ପୁରୁଷ ଦୈତାରୀ ବେହେରାଙ୍କ ପରଲୋକ

ଖଇରା,୨୧।୦୨(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୋରାଣୀଗ୍ରାମର ଦୈତାରୀ ବେହେରା(୧୦୦)ଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇ ଯାଇଛି । ସ୍ୱର୍ଗତ ବେହେରା ଜଣେ ମୋହରୀର ଓ ଷ୍ଟାମ୍ପ ଭେଣ୍ଡର ଭାବେ ପରିଚିତ ଥିବା ବେଳେ ଅସୁସ୍ଥତା ଯୋଗୁଁ ଶଯ୍ୟାସାୟୀ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ ସତ୍କାର କରାଯାଇଥିବା ବେଳେ ବଡପୁଅ ସୁଧାଂଶୁ ଶେଖର ବେହେରା ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରିଷ୍ଠ ନାଗିରକ ମଞ୍ଚ ତଥା ଖଇରାର ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତ୍ତା ମାନେ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ୩ପୁଅ, ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ ।



## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫ : ମାର୍ଚ୍ଚ ୮ ତାରିଖ ଦ୍ୱିତୀୟ ଶନିବାରରେ ଅନୁଷ୍ଠିତ ହେବ

ଭଦ୍ରକ,୨୧।୦୨(ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧୀକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ସୂଚନା ଦେଇଛନ୍ତି ଯେ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକ ପରିସରରେ ୨୦୨୫ ମସିହାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତ ମାସ ୮ ତାରିଖ ଦିବା ୧୦.୦୦ ଘଟିକା ସମୟରେ ଅନୁଷ୍ଠିତ ହେବ । ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଜନିତ ମାମଲାଗୁଡିକର ଫଇସଲା କରାଯିବ । ଦରିଦ୍ର, ନିସ୍ପେଷିତ ଓ ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକମାନେ ଏହି ଅଦାଲତରେ ଯେପରି ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ । ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମାଗୁଡିକର ଫଇସଲା କରାଯିବ । ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାର, ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇ ପାରିବେ ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି । ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏକ ଦିଗରେ ଆଗେଇ ଆସିବାକୁ ନିବେଦନ କରିଛନ୍ତି ।

# କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ବାରିପଦା,୨୧।୦୨(ନି.ପ୍ର): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି ସାମ୍ପ୍ରତିକ ସମୟରେ ଗୋଟିଏ ଜାତିର ଅସ୍ମିତାର ସୁରକ୍ଷା ପାଇଁ ମାତୃଭାଷାର ଉନ୍ନତି ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଶିକ୍ଷକ ,ଶିକ୍ଷୟିତ୍ରୀ , ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ମାତୃଭାଷାରେ ସମସ୍ତ କାର୍ଯ୍ୟ ସଂପାଦନ କରିବାପାଇଁ ଶପଥପାଠ କରାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ , ବକ୍ତୃତା ଓ ଓଡ଼ିଆ ଭାଷାଜ୍ଞାନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଷା ବେହେରା ଓ ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ନୀଳଗିରିରେ ଭାଷା ମହାକୁମ୍ଭ ଅନୁଷ୍ଠିତ

ନୀଳଗିରି,୨୧।୦୨(ନି.ପ୍ର): ଭାଷା ଜାତିର ପ୍ରାଣକେନ୍ଦ୍ର । ଭାଷା ବ୍ୟବହାରକ୍ଷମ ହେଲେ ଭାଷା ସମୃଦ୍ଧ ହୁଏ । ଭାଷାର ବ୍ୟାବହାରୀକରଣ ଗୋଟାଏ ଜାତିକୁ ଦୃଢ଼କରେ । ସର୍ବୋପରି ଭାଷା ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏବୋଲି ଆଜି ବିଶ୍ୱ ମାତୃଭାଷା ଦିବସରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଭାଷା ମହାକୁମ୍ଭ ଆଲୋଚନା ପରିପ୍ରେକ୍ଷୀରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ଆଜିର ଉତ୍ସବ ପାଳନ ଅବସରରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଫେସର ସୌରଭ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟ କରିଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ନୀଳଗିରି ମାଟିର ବରିଷ୍ଠକବି ନିରଞ୍ଜନ ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବରେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦିଲ୍ଲୀରେ ସାହିତ୍ୟ ଏକାଡେମୀ ଦ୍ୱାରା ସାନ୍ତାଳୀ ଭାଷାପାଇଁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା କବି ଶ୍ରୀଯୁକ୍ତ ମହେଶ୍ୱର ସୋରେନ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧରେ+୨ ମହାବିଦ୍ୟାଳୟର ଅଧକ୍ଷ କାର୍ତ୍ତିକଚନ୍ଦ୍ର ସାହୁ , ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ଡ. ହରିପଦ ଦାଶ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିଚୟ ପ୍ରଦାନପରେ ଛାତ୍ରୀ ମାନଙ୍କ ଦ୍ୱାରା ଉତ୍କଳ ସଙ୍ଗୀତ ଗାନ , ବିଭାଗର ମୁଖ୍ୟ ଡ଼. ଶିବାନୀ ଡଗର ସ୍ୱାଗତ ଅଭିଭାଷଣ ପ୍ରଦାନ ଓ କୋହ୍ଲ ଭାଷାରେ ସୁଶ୍ରୀ ଅଙ୍କିତା ସିଂ, ସାନ୍ତାଳୀ ଭାଷାରେ ସୁଶ୍ରୀ ଜସ୍ମିନ ମାଝୀ ଓ ଓଡିଆ ଭାଷାରେ ସୁଶ୍ରୀ ହେମଲତା ବେହେରା ପ୍ରବନ୍ଧପାଠ କରିଥିଲେ । ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ସାନ୍ତାଳୀ ଭାଷାର କବି ମହେଶ୍ୱର ସୋରେନଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରଫେସର ମମତା ବରାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଅଧାପିକା ମୌସୁମୀ ଭୋଳ, ମୋନାଲିସା ଭୋଳ, ସୁଷମା ସିଂହ, ପବିତ୍ରା ବେହୁରିଆ, ନିରୁପମା ନାୟକ, ମମତା ପ୍ରିୟଦର୍ଶନୀ ସାହୁ ଅଣଶିକ୍ଷକ କର୍ମଚାରୀ ବ୍ରହ୍ମାନନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବହୁ ଛାତ୍ରୀ ଯୋଗଦାନ କରି ଖୁସି ଅନୁଭବ କରିଥିଲେ ।




# ‘କେମ୍ବ୍ରିଜ’ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ

## ମାତୃଭାଷା ଠାରୁ ପିଲାଙ୍କୁ ଦୂରେଇ ନେବାକୁ ଆମେ ଚାହୁଁ ନାହୁଁ : ତ୍ରିପର୍ଣ୍ଣା କର

ଉଦଳା ତା.୨୧/୦୨(ନି.ପ୍ର)- ଉଦଳା ସହର ମଧରେ ଗଢ଼ି ଉଠିଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ‘କେମ୍ବ୍ରିଜ’ ପରିସରରେ ଉଦଳା ପ୍ରେସ କ୍ଲବର ଆୟୋଜନରେ ଆଜି ଫେବୃଆରି ୨୧ ତାରିଖ ଶୁକ୍ରବାର ଦିନ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦିକ୍ଷିତଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାକେନ୍ଦ୍ରର ଅଧକ୍ଷା ତ୍ରିପର୍ଣ୍ଣା କର, ପ୍ରଥମଥର ପାଇଁ ଉଦଳା ପ୍ରେସ କ୍ଲବ ତରଫରୁ ଆମ ବିଦ୍ୟାଳୟରେ ଏପରି ଏକ ଉତ୍ସବ ଆୟୋଜନର ନିଷ୍ପତି ନିଆଯାଇଥିବାରୁ ସାମ୍ବାଦିକ ବନ୍ଧୁ ମାନଙ୍କୁ କୃତଜ୍ଞତା ଜଣାଇବା ସହ, ଇଂରାଜୀ ମାଧ୍ୟମ ନାମରେ ଆମେ ପିଲାଙ୍କୁ ମାତୃଭାଷା ଠାରୁ ଦୂରେଇ ନେବାକୁ ଆଦୌ ଚାହୁଁନାହୁଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପିଲାଙ୍କ ମଧ୍ୟରେ ଇଶାନି ବାରିକ, ସୁପ୍ରଭା ମିଶ୍ର, ଶୋଭନ କୁମାର ପାଣି, କାବ୍ୟାଜଂଳି ଜେନା, ସୁଚିସ୍ମିତା କିସ୍କୁ ଓ ତରୁଣ କୁମାର ମୁର୍ମୁ ଆଜିର ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ପ୍ରେସ କ୍ଲବର ସଭାପତି ଆନନ୍ଦ ଦାସ, ସମ୍ପାଦକ ଜଗବନ୍ଧୁ ପ୍ରଧାନ, ସୁବ୍ରତ କୁମାର ମହାନ୍ତି, କରୁଣାକର ଦାସ, ସାଲାଏ ମାର୍ଣ୍ଡି ଓ ସୁରେଶ୍ୱର ଜେନା ବକ୍ତବ୍ୟ ପ୍ରଦାନ ସମୟରେ ଭାଷା ପାଇଁ ଅତିତରେ କିପରି ପାକିସ୍ଥାନରେ ଗୃହଯୁଦ୍ଧ ବ୍ୟାପି ଯାଇଥିଲା ଓ ପରିଣାମରେ ବାଲାଂଦେଶ ଭଳି ଏକ ସ୍ୱତନ୍ତ୍ର ଦେଶ ଜନ୍ମଗ୍ରହଣ କରିଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିବା ସହ ଏହି ଘଟଣାଟି ସମଗ୍ର ବିଶ୍ୱବାସୀଙ୍କ ମାନସପଟରେ ଗଭିର ରେଖାପାତ କରି ଜାତିସଂଘରେ ଆଲୋଚନାକୁ ଆସିଥିଲା ଓ ପରେ ବିଶ୍ୱମାତୃଭାଷା ଦିବସ ପାଳନ ପାଇଁ କିପରି ନିଷ୍ପତି ନିଆଗଲା ସେ ସମ୍ପର୍କରେ ଅବଗତ କରାଇଥିଲେ । ଶିକ୍ଷୟିତ୍ରି ନମିତା ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଦିପ୍ତିମୟି ସେନ, ସୁଜାତା ରଣଜିତ, ମୀନକେତନ ବାରିକ, ରଂଜିତା ମିଶ୍ର, ରଂଜିତା ନାୟକ, ମାମିରାଣି ପରିଛା, ରେଖା ମହାନ୍ତ, ସାକିନା ଖାତୁନ, ଦିପାଜଂଳି ବାରିକ, ଅଭିଶେଖ ବେହେରା ପ୍ରମୁଖ ସହଯୋଗ କରିଥିଲେ ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida